ଦକ୍ଷିଣେଶ୍ୱର ମୁଖାମୃତ

ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀ

ଓଁ ଜଗଦ୍ଗୁରୁ

ଠାକୁରାଣୀ

ସୁଧାଂଶୁବାଳା

॥ ଲେଖକ ॥

ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀ

॥ ଅନୁବାଦକ ॥

ଲଳତ ମୋହନ ପଟ୍ଟନାୟକ

॥ ପ୍ରଥମ ସଂସ୍କରଣ ॥

ଝୂଲଣ ପୂର୍ଣ୍ଣିମୀ, ଜନ୍ମୋତ୍ସବ

୧୯୭୮

ମୂଲ୍ୟ ୫ ୩-୦୦

ପ୍ରକାଶକ—
ଲଳତ ମୋହନ ପଞ୍ଚନାୟକ
ବଡ଼ଖେମଣ୍ଡି ସାହି, ବ୍ରହ୍ମପୁର, ଗଞ୍ଜାମ

ପ୍ରଥମ ପ୍ରକାଶ—
ଝୁଲଣ ପୂର୍ଣ୍ଣିମୀ, ଜନ୍ମାଷ୍ଟମୀ
୧୮-୮-୬୮

ମୁଦ୍ରଣ—
କଳଙ୍ଗ ପ୍ରେସ୍
ଦେଉଡ଼ି ପୋଷ୍ଟ ଅଫିସ୍ ରେଡ଼ି
ବ୍ରହ୍ମପୁର-୧, ଗଞ୍ଜାମ

ପ୍ରାପ୍ତିସ୍ଥାନ—
ନବମ ବୁକ୍ ଷ୍ଟୋର୍
ବ୍ରହ୍ମପୁର, ଗଞ୍ଜାମ

ହାଉସ୍ ଆଫ୍ ଲାଇଫ୍
ଗିରି ରେଡ଼ି, ବ୍ରହ୍ମପୁର (ଗଞ୍ଜାମ)



ଶ୍ରୀ ଶ୍ରୀ ଠାକୁର ଜଗମାନନ୍ଦ

ଲେଖକ ପରିଚୟ

ସୁସାହିତ୍ୟିକ ଶ୍ରୀ ତାରକ ହାଲଦାରଙ୍କ ଲିଖିତ ସୃଜ୍ଞ ତର୍ପଣ ଅନୁସରଣରେ କହେ—'ନଳମାକାନ୍ତଙ୍କୁ କେନ୍ଦ୍ର କରି ଯେଉଁ ନକ୍ଷତ୍ରାଲୋକ କୁଚବପୁରର ପଲ୍ଲୀଗୃହରେ ସୃଷ୍ଟି ହୋଇଥିଲା, ସେଥିରୁ ଗୋଟିଏ କ୍ଷୁଦ୍ରତମ ନକ୍ଷତ୍ର ରମପଦ । ନଳମାକାନ୍ତଙ୍କର କନିଷ୍ଠ ସହୋଦର । (ଆର୍ଯ୍ୟ ଦର୍ପଣ-୧୩୬୮) ନଗମାଦଜ୍ଞଙ୍କ ଧାର୍ତ୍ତିରେ ପ୍ରପ୍ତପ୍ତ ଏହି ରମପଦଙ୍କୁ ଶ୍ରୀନଗମାନନ୍ଦ ନାମ ଦେଇଥିଲେ 'ରମାନନ୍ଦ' । ଏ ହିଁ ହେଲେ 'ଠାକୁରଣୀସୁଧାଶୁବାଳା' ଅମର ଗ୍ରନ୍ଥର ଲିପିକାର । ସେ କେବଳ ଲିପିକାର ନୁହନ୍ତି, ସେ ହେଉଛନ୍ତି ଆମ୍ଭମାନଙ୍କ ମାଁ ଠାକୁରଣୀଙ୍କ ସଙ୍ଗୀ, ସାଥୀ ଏବଂ ସବୁକନିଷ୍ଠ ଦେବର । ବସ୍ତୁସରେ ମାଁ ଠାକୁରଣୀଙ୍କ ଠାରୁ ପ୍ରାୟ ୫।୬ ବର୍ଷ କନିଷ୍ଠ ମାତ୍ର । ସେ ପରମାପ୍ରକୃତ୍ତ ମାଁ ଠାକୁରଣୀଙ୍କ ସାନ୍ନିଧ୍ୟ ଲଭ କରି ସୁଖେଦୁଃଖେ, ବପଦେ ସମ୍ପଦେ ସବୁଦା ସହଜ ସରଳ ତଥା ଏକାନ୍ତ ଅମ୍ଳାୟିତା ଭାବରେ ଯେପରି ଦେଖିଛନ୍ତି, ଯଥାର୍ଥ ଠିକ୍ ସେହିପରି ସୁଧାଶୁବାଳାଙ୍କ ରୂପ ତାଙ୍କର ସୃଜ୍ଞ ଫଳକରେ ଜୀବନ୍ତ ଭାବରେ ଅଙ୍କିତ ହୋଇଥିଲା । ଏତେକାଳ ପରେ ମଧ୍ୟ ମାଁ ଠାକୁରଣୀଙ୍କ ଅନବଦ୍ୟ ଉପେକ୍ଷିତ ଅନୁଚ୍ଛିଷ୍ଟ ସମ୍ପୃଣ୍ଡ ଜୀବନ ଚରିତଟି ସେ ଭକ୍ତମାନଙ୍କ ଶ୍ରୀ କରକମଳରେ ଉପହାର ଦେଇ ମହାକାଳ ନକଷରେ 'ଦାସ୍ୟମୁକ୍ତ' ହେଲେ । ତେଣୁ ମୁଁ କୃତଜ୍ଞତାରେ ତାଙ୍କର ଏହି ଅବଦାନର ସ୍ୱୀକୃତ୍ତ ସ୍ୱରୂପ 'ଠାକୁରଣୀ ସୁଧାଶୁବାଳା' ଗ୍ରନ୍ଥର ପ୍ରାରମ୍ଭରେ ତାଙ୍କର ସଂକ୍ଷିପ୍ତ ପରିଚୟ ଓ ଗୋଟିଏ ପ୍ରତିମୂର୍ତ୍ତି ଦେଇ ଅଭିନନ୍ଦନ ଜଣାଉଛି କଥାଶିଳ୍ପୀ ରମାନନ୍ଦଙ୍କୁ ।

ସ୍ୱାମୀ ସିଦ୍ଧାନନ୍ଦଜୀଙ୍କ ସାର୍ଥକ ରଚନା 'ରମାନନ୍ଦ ସ୍ୱତ୍ତ'ରୁ
କହିଥାରେ—'ବାଂ ୧୨୯୬ ସାଲ ଶ୍ରାବଣ ମାସରେ ନଦୀୟା ଜିଲ୍ଲାର
(ବର୍ତ୍ତମାନ କୁଷ୍ଟିୟା, ବାଂଲଦେଶ) କୁଚବପୁର ଗ୍ରାମରେ ସେ
ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନକ ଭୁବନ ମୋହନ ଭଟ୍ଟାଚାର୍ଯ୍ୟ
ଏବଂ ଜନନୀ ମାଣିକ ସୁନ୍ଦରୀ ଦେବୀ । ପାରିପାର୍ଶ୍ୱିକ ଅବସ୍ଥା ପ୍ରଭାବରେ
ଯୌବନେ ନୈଷ୍ଠ ହେବା ସଙ୍ଗେ ସଙ୍ଗେ ସେ ବିବାହ ବନ୍ଧନରେ
ଆବଦ୍ଧ ହୋଇ ସଂସାରଶ୍ରମରେ ପ୍ରବେଶ କଲେ । କିନ୍ତୁ ମାୟାର
ସଂସାର, ମୋହର ବନ୍ଧନ ତାଙ୍କୁ ଅଧିକ ଦିନ ଧରି ରଖି ପାରିଲା
ନାହିଁ । ତାଙ୍କର ମନ ଛୁଟିପଳାଇ ସେହି ପଥରେ, ଯେଉଁଗସ୍ତାରେ ତାଙ୍କର ଜ୍ୟେଷ୍ଠଭ୍ରାତା ଯାଇ ଉପଲବ୍ଧି କରିଛନ୍ତି ଚରମ ଏବଂ ପରମସତ୍ୟ, ଦୋଇଛନ୍ତି ଜଗତର ସାର୍ବଭୌମଗୁରୁ । ଜ୍ୟେଷ୍ଠଙ୍କର ପଥ ହିଁ ତାଙ୍କୁ କଲା ଗୃହତ୍ୟାଗୀ । ବଂ। ୧୩୨୦ ସାଲରେ ଗୃହତ୍ୟାଗ କରି ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ଶରଣାପନ୍ନ ହେଲେ । ତାଙ୍କର ଏହି ଗୃହତ୍ୟାଗ ଶ୍ରୀବୁଦ୍ଧ, ଶ୍ରୀଗୌରାଙ୍ଗ ଏବଂ ଦାସଗୋସ୍ୱାମୀଙ୍କ ସହିତ ହିଁ ତୁଳନୀୟ । ଶ୍ରୀ ଶ୍ରୀ ଠାକୁର ତାଙ୍କର ଏହି କନିଷ୍ଠ ଭ୍ରାତାଙ୍କୁ ମଠ ପରୀକ୍ଷା କରିବାକୁ ପଶ୍ଚିମପଦ ହୋଇନଥିଲେ । ଦାମୋଦର ନଦୀ ବନ୍ୟାରେ ପ୍ରପୀଡିତ ଦୁଃସ୍ଥ ଜନଗଣଙ୍କ ସେବା ପାଇଁ ସାରସ୍ୱତ ମଠ ଦ୍ୱାରା ପ୍ରେରିତ ସେବକ ସଂଘ ସହିତ ସେ ଠାକୁରଙ୍କ ଦ୍ୱାରା ପ୍ରେରିତ ହେଲେ । ଏବଂ ନବଦ୍ୱୀପରେ କାର୍ଯ୍ୟ ସମାପନ କରି ବଙ୍ଗପୂଗୌରବରେ ମଣ୍ଡିତ ହୋଇ ମଠକୁ ପ୍ରତ୍ୟାବର୍ତ୍ତନ କଲେ । ଶ୍ରୀ ଶ୍ରୀ ଠାକୁର ତାଙ୍କୁ କୃପା କରି ବ୍ରହ୍ମମନ୍ତ୍ରରେ ଦୀକ୍ଷା ଦେଇ ନାମ ପ୍ରଦାନ କଲେ ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀ । (ଆ:ଦ: ୧୩୬୮)

ଗୁରୁ ପରମ୍ପରା ସୂତ୍ରରେ ଆତ୍ମଜ୍ୟୋତିରେ ଉଦ୍ଭାସିତ ଗୋଟିଏ ପ୍ରଦୀପରୁ ଆଉ ଏକ ନୂତନ ପ୍ରଦୀପ୍ତର ଆବିର୍ଭାବ ହେଲା । ଅଗ୍ନି ବର୍ତ୍ତୁ

ଋଷି ନଗମାନନ୍ଦ, ଯାହାଙ୍କ ବ୍ରତ ସନାତନ ଧର୍ମ ରକ୍ଷାର, ସେ ଦେଉଛନ୍ତି ବ୍ରାହ୍ମଣକୁଳୋଦ୍ଭବ ସନ୍ୟାସୀ । ଆଧ୍ୟାତ୍ମବାଦ ରୂପକ ନଦୀତୀରକାର ଏକ ଛୋଟୋନପୁ ଆଦର୍ଶ । ସେହି ନଗମାଦର୍ଶଙ୍କ ଦୀପ୍ତିରେ ଦୀପ୍ତିମାନ୍ ଏହି ରମାନନ୍ଦ ସାଧନାଦ୍ୱାରା ଉଜ୍ୱଳ ଏବଂ ପ୍ରଜ୍ଞାନ ଭାସ୍ୱର । ଅନ୍ତଃରର ସାଧନସିଦ୍ଧ ଶ୍ରୀ ନଗମାନନ୍ଦ ରମପଦଙ୍କୁ ମୁକ୍ତକ୍ଷେତ୍ର କାଶୀଧାମକୁ ପ୍ରେରଣ କଲେ । ସେ ସେଠାରେ ଶ୍ରୀ ନଗମାନନ୍ଦ ଗନ୍ଥିରରେ ଦ୍ୱାଦଶ ବର୍ଷକାଳ ନଗମପନ୍ଥାସ୍ଥ ସାଧନ ଭଜନରେ ବ୍ରତୀ ହେଲେ । ଋଷି ନଗମାନନ୍ଦଙ୍କ ଉଦ୍ଦେଶ୍ୟ ଥିଲା ଋଷି ଦାରରେ ଆଦର୍ଶ ଗୃହସ୍ଥ ଜୀବନ ଗଠନ । ସେହି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ସେ ରମାନନ୍ଦଙ୍କୁ ବଂ। ୧୩୩୨ ସାଲରେ ପୁନଃ ସଂସାରଶ୍ରମକୁ ପ୍ରେରଣ କଲେ । ଏହି ପ୍ରସଙ୍ଗରେ ନଦୀପ୍ରଭୁ ଶ୍ରୀ ଗୌରଙ୍ଗଦେବ କର୍ତ୍ତୃକ ସଂସାରଶ୍ରମକୁ ପୁନଃ ପ୍ରେରିତ ଅବଧୂତ ସନ୍ୟାସୀ ନିତ୍ୟାନନ୍ଦ ପ୍ରଭୁଙ୍କ କଥା ମନେ ପଡ଼ିଯାଏ । ଶ୍ରୀ ଗୌରଙ୍ଗ ପଥରେ ଶ୍ରୀ ଶ୍ରୀ ଠାକୁର ମଧ୍ୟ ରମାନନ୍ଦଙ୍କୁ ଆଦର୍ଶ ସଂସାରୀ କରାଇଲେ—ଉଦ୍ଦେଶ୍ୟ ହେଲା ବୃଦ୍ଧି ହୋଇ ଋଷି ଯୁଗର ନଦୀନ୍ ଆଦର୍ଶ ଫୁଟାଇବାକୁ ଏବଂ ଋଷି ଦାରର ରକ୍ଷାକରିବାକୁ । ଏହା ପରେ ଶ୍ରୀ ରମାନନ୍ଦଜୀଙ୍କ ବାହ୍ୟିକରେ ଅନ୍ୟ କୌଣସି ସନ୍ୟାସୋଚିତ 'ଭେକ ବା ଚିହ୍ନ' ରହିଲା ନାହିଁ ସତ, କିନ୍ତୁ ସେ ଅନ୍ତଃସନ୍ୟାସୀ ରୂପେ ସର୍ବଦା ସୁପରିଚିତ । ଶ୍ରୀ ଶ୍ରୀ ଠାକୁରଙ୍କ ଗୁରୁଧାମ ମଠର ଏକ ଅଂଶ ଏବଂ ଭକ୍ତଗଣଙ୍କ ପରମ ପବନ ଛାର୍ଥ । ଶ୍ରୀ ଶ୍ରୀ ଠାକୁର ନିଜେ ତାଙ୍କୁ ଗୁରୁଧାମର ପ୍ରଥମ ସେବାୟିତ ଏବଂ ଷ୍ଟଷ୍ଟିଭାବେ ନିର୍ବାଚନ କରିଥିଲେ । କେବଳ ସେତିକି ନୁହେଁ, ରେକର୍ଡ଼ିକୃତ ଚିତ୍ରପଟରେ ସେ ରମାନନ୍ଦଙ୍କୁ ସନ୍ୟାସୀ ପର୍ଯ୍ୟାୟଭୁକ୍ତ କରିଯାଇଛନ୍ତି, ଏହାହିଁ ବୃଦ୍ଧି ରମାନନ୍ଦଙ୍କ ଅଭିନବ ବୈଶିଷ୍ଟ୍ୟ । ନିକାଳଜ୍ଞ ଋଷି

ଭଗମାନଙ୍କ ଦୃଷ୍ଟିରେ ସେ ମଧ୍ୟ ଜଣେ ସନ୍ୟାସୀ । ଏହି ଗୃହୀସନ୍ୟାସୀଙ୍କ ଶ୍ରୀମୁଖରୁ ହିଁ ଆମ୍ଭମାନେ ଠାକୁରଣୀ ସୁଧାଂଶୁବାଳାଙ୍କ ଅମରକଥା ଶ୍ରବଣ କରିବା, ସେ ନହେଲେ ତାଙ୍କର ଅମର କଥା କିଏ ଶୁଣାଇବ । ଜନ୍ମସୂତ୍ରଦ୍ୱାରା ସେ ହିଁ ଏହି କାର୍ଯ୍ୟର ଯୋଗ୍ୟତମ ବ୍ୟକ୍ତି । ମାଁ ଠାକୁରଣୀଙ୍କ ସ୍ନେହାଶୀର୍ବାଦରେ ସେ ତାଙ୍କର ଆରବ୍ଧ କାର୍ଯ୍ୟରେ କେତେ ଦୂର ସାଫଲ୍ୟମଣ୍ଡିତ ହୋଇଛନ୍ତି—ସେହି ବିଷୟର ଭାର ଭକ୍ତଗଣଙ୍କ ଉପରେ ନ୍ୟସ୍ତକରି ମୁଁ ବର୍ତ୍ତମାନ ରୂପକାର ଗ୍ରନ୍ଥପଦଙ୍କ ଅବଶିଷ୍ଟ ପରିଚୟଟିକକ ଶେଷ କରିବି ।

ଶ୍ରୀ ତାରକତାଳଦାର ମହାଶୟଙ୍କ ରଚିତ 'ସ୍ୱଚ୍ଛ ଚିତ୍ରଣ'ରୁ କହିବାକୁ ଗଲେ—'ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀ ଏକାଧାରରେ ଫସାଗ୍ର ଏବଂ ସନ୍ନ୍ୟାସୀ । ଗୃହୀ ଅଥଚ ବୈରାଗୀ, କାମନା ମଧ୍ୟରେ ନିଷ୍କାମ, ସ୍ନେହ, ପ୍ରେମ ଏବଂ ମାନବକଲ୍ୟାଣର ଜ୍ୱଳନ୍ତ ପ୍ରତୀକ । ସେ ଜଣେ ଆଦର୍ଶ ପିତା, ପୁତ୍ର, ଭ୍ରାତା, ସ୍ୱାମୀ ଓ ବନ୍ଧୁ ରୂପରେ ସ୍ୱୀୟ କର୍ତ୍ତବ୍ୟ ସମ୍ପାଦନ କରି ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ମନ୍ତ୍ରୀତ୍ୱସୀ ପ୍ରତିଭା ଓ ଅସାଧାରଣ ପ୍ରଜ୍ଞାର ପରିଚୟ ଦେଇଅଛନ୍ତି । ସଂସାରର କୁହୁକ ମାୟାରୁ ରମାନନ୍ଦ ସମ୍ପୂର୍ଣ୍ଣ ମୁକ୍ତ' ।

ସ୍ୱାମୀ ସିଦ୍ଧାନନ୍ଦଜୀଙ୍କର 'ରମାନନ୍ଦ ସ୍ୱଚ୍ଛ' ର ଅନୁସରଣରେ କୁହାଯାଇପାରେ—ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶକୁ ଜୀବନ୍ତ ରୂପ ଦେବା ପାଇଁ ସେ ଅକ୍ଲାନ୍ତ ଉଦ୍ୟମ କରିଥିଲେ । ଚୁଡିଯୁଗର ଭାବଧାରକୁ ମୂର୍ତ୍ତ କରି ତୋଳିବା ପାଇଁ ତାଙ୍କ ପ୍ରାଣ ଥିଲା ତର ଉତ୍ସର୍ଗିକୃତ । ଶ୍ରୀମତ୍ ରମାନନ୍ଦଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ଦ୍ୱିତୀୟ ପ୍ରତୀକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଠାକୁରଙ୍କ ପର ଅନାବିଳ

ସ୍ନେହୀ, ସରଳ, ଉଦାର, ଅମାୟୀକ, ଓ ପବନ ଥିଲେ । ତେଣୁ ତାଙ୍କୁ ଦେଖିବା ମାତ୍ରକେ ଆମ୍ଭମାନଙ୍କର ମନେ ପଡ଼ଯାଏ ଠାକୁରଙ୍କ ସୃଷ୍ଟ । ସେହି କାରଣରୁ ସେ ଥିଲେ ଆମ୍ଭମାନଙ୍କ ନକଟରେ ଉଦ୍ଦୀପନ ଵଭବ ଶ୍ରୀ ଶ୍ରୀ ଠାକୁରଙ୍କ ସମ୍ପର୍କରେ । ଠାକୁରଙ୍କ ପର ସେହି ସୁଦୀର୍ଘ ବାହୁ, ଜଟାକଲ୍ପ କୁଞ୍ଚିତ କେଶଦାମ, ଶ୍ମଶ୍ରୁ, କଣ୍ଠସ୍ୱର, ଦୃଷ୍ଟିଭଙ୍ଗୀ ଥିଲା ରମାନନ୍ଦଙ୍କର । ତାଙ୍କୁ ଦେଖିବାକ୍ଷଣି ଠାକୁରଙ୍କ ରୂପମାଧୁରୀ ଆମ୍ଭମାନଙ୍କର ମାନସ ପଥାରୁଡ଼ ହୁଏ । ତେଣୁ ସେ ଥିଲେ ଆମ୍ଭମାନଙ୍କ ନକଟରେ ଏତେ ପ୍ରୀତି ଏବଂ ଆପଣାର ।

ଯଥାର୍ଥରେ ରମାନନ୍ଦଙ୍କୁ ଦେଖିବା ମାତ୍ରକେ ଠାକୁର ଦର୍ଶନର ଆଶା ମେଣ୍ଟିଯାଏ । ଏହା ହେଲା ମହାଭାଗବତର ଲକ୍ଷଣ ଓ ସାର୍ଥକ ପରିଚୟ । ବୈଷ୍ଣବ ମହାଜନମାନଙ୍କ କଥାରୁ କହିପାରେ—

ସେହି ମହାଭାଗବତ ଯାହାଁର ଦର୍ଶନେ ।
ବ୍ରଜେନ୍ଦ୍ର ନନ୍ଦନ ସ୍ମୃତ ହୟ ବସର୍ଜନେ ॥

ତାହାକୁ ମହାଭାଗବତ ବୋଲ ଜାଣିବେ, ଯାହାକୁ ହିଁ ଦେଖିଲେ ମନରେ ଗୁରୁ—କୃଷ୍ଣଙ୍କର ସ୍ମୃତ ଉଦୟ ହୋଇଥାଏ ।

ଯାହାଁଙ୍କ କଥା ନେଇ ଲେଖକ ପରିଚଛ ଆରମ୍ଭ କରିଛି, ସେହି ସୁ ସାହିତ୍ୟିକ ଶ୍ରୀ ଚାରୁକ ହାଲ୍‌ଦାରଙ୍କ ରଚନା 'ସପ୍ତଧାରା' ପତ୍ରିକାରେ ପ୍ରକାଶିତ 'ମହାତ୍ମା ରମାନନ୍ଦ ସ୍ୱାମୀ' ନବନ୍ଧର ଶେଷାଂଶରୁ ମାଁ ଠାକୁରାଣୀଙ୍କ ଲେଖକ ପରିଚତ୍ତର ଉପସଂହାର କରୁଛି—

'ଭାରତ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ବଙ୍ଗଳାର ଆକାଶ ମେଘାଚ୍ଛନ୍ନ ହୋଇଗଲା । ଦ୍ୱିଖଣ୍ଡୀତ ହେଲା ବଙ୍ଗ ଦେଶ । ପଦ୍ମ ନଦୀ ପ୍ରଦେଶର କୁଡବପୁର ହେଲା ପାକସ୍ଥାନ ଅନ୍ତର୍ଭୁକ୍ତ । ରମାନନ୍ଦ ସପରିବାରରେ କୁଡବପୁରରୁ ବଦାପ୍ତ ନେଇ ଆସି ଉପସ୍ଥିତ ହେଲେ ମେଦିନୀପୁରର କାଁଥି ବନମାଳପୁରରେ । ବନମାଳପୁର ତାଙ୍କୁ ଖୁବ୍ ଶାନ୍ତି ପ୍ରଦାନ କଲା । କନ୍ତୁ ଏହା ଭୈରବ ନଦୀର ତୀରଦେଶ ନୁହେଁ, ସାଗରର ଉପକୂଳରେ ଅବସ୍ଥିତ ଏହି ବନମାଳପୁର । ସେଠାରେ ରଚିତ ହେଲା ଶ୍ରୀ ଗୁରୁଧାମ ଏବଂ ଶ୍ରୀ ଗୁରୁମନ୍ଦିର । ରମାନନ୍ଦଙ୍କ ଶଶୁର ପଞ୍ଚଭୂତରେ ମିଶିଯାଇଛନ୍ତି, କନ୍ତୁ ତାଙ୍କର ଆତ୍ମା ଆଜ ମଧ୍ୟ ଜାଗ୍ରତ ଏହି ବନମାଳପୁରରେ ।

କୁଡବପୁର ହରାଇଥିଲେ ମଧ୍ୟ ହରାଇ ନାହୁଁ ବନମାଳପୁର ଯାତ୍ରା କ ବଙ୍ଗଳାର ଅନ୍ୟ ଏକ ତୀର୍ଥ କ୍ଷେତ୍ର ।

(ସନ୍ଧ୍ୟଧାର, ଦୋଳ ସଂଖ୍ୟା ୧୩୭୫)

କାଁଥି
ମହାଷ୍ଟମୀ, ୧୩୮୧

ଶ୍ରୀମତ୍ ଠାକୁରଦାସ ବ୍ରହ୍ମଚାରୀ
ଟ୍ରଷ୍ଟି, ଶ୍ରୀ ଶ୍ରୀ ଗୁରୁଧାମ
ଅଧ୍ୟକ୍ଷ, କାଁଥି ଶ୍ରୀ ଗୁରୁ ମନ୍ଦିର

ଭୂମିକା

ସୁଧାଂଶୁବାଳା-ଜୀବନ ଗ୍ରନ୍ଥର ସମ୍ପାଦକ ଓ ପ୍ରକାଶକ ମୋ ଉପରେ ଏକ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି—ଗ୍ରନ୍ଥଟିର ଭୂମିକା ଦେବାକୁ ପ୍ରସ୍ତାବ ଜଣାଇ । ଏହି ବିଷୟରେ ମୋର ଅଯୋଗ୍ୟତା ଥରକୁ ଥର ଜଣାଇବା ସତ୍ତ୍ୱେ ମଧ୍ୟ ତାଙ୍କର ଧନୁର୍ଭଙ୍ଗପଣ ଯେ ମୋତେ ହିଁ ଭୂମିକାଟି ଲେଖିବାକୁ ପଡ଼ିବ ।

ସୁଧାଂଶୁବାଳା ତ ଦୂରର କଥା, ଠାକୁର ଜଗମୋହନଙ୍କୁ ମଧ୍ୟ ମୋର ଦର୍ଶନ ସୌଭାଗ୍ୟ ହୋଇ ନାହିଁ । ତେବେ ତାଙ୍କର ଫଟୋ ଦେଖିଛି, ଗ୍ରନ୍ଥ ପାଠ କରିଛି, ପୁଣି ତାଙ୍କର ଭ୍ରାତା ଯିଏ କି ଏହି ସୁଧାଂଶୁବାଳା-ଜୀବନ କଥାର ପ୍ରବକ୍ତା—ସେହି ଶ୍ରୀମତ୍ ରମାନନ୍ଦଙ୍କୁ ଦର୍ଶନ ଲାଭ କରିବା ସୁଯୋଗ ପାଇଛି । ଆଜ ଠାରୁ ପ୍ରାୟ ବତ୍ତ୍ରିଶ ବର୍ଷ ପୂର୍ବେ, ମୁଁ ସେତେବେଳେ କଲେଜର ଛାତ୍ର, ତାଙ୍କୁ ପ୍ରଥମ ଦର୍ଶନ କରିବାକୁ ଯାଇଥିଲି କାଁଥି ମହକୁମାର ଲାଉଦା ଗ୍ରାମସ୍ଥ ଶ୍ରୀ ପରମାନନ୍ଦ ବାରିକ ମହାଶୟଙ୍କ ଗୃହକୁ । ସମ୍ଭବତଃ ସେତେବେଳେ ଫାଲ୍‌ଗୁନ ଚୈତ୍ର ମାସ । ଆମ ଗ୍ରାମ ଠାରୁ ଲାଉଦା ପ୍ରାୟ ପାଞ୍ଚ ମାଇଲ । ସେଠାରେ ଆମ୍ଭେମାନେ ଉପରଓଳା ପହଞ୍ଚିଲୁ । ବାରିକ ମହାଶୟଙ୍କ ଦକ୍ଷିଣ-ପଶ୍ଚିମ ଘରର ଏକ ବଡ଼ ଚୌକାରେ ସୁଖାସନ ପକାଇ ସେ ବସିଥିଲେ । ପିନ୍ଧିଛନ୍ତି କେବଳ ଖଣ୍ଡେ ସାଦା ଧୋତି, ଆଉ ସବୁ ଦେହ ଖାଲି । ଆମ୍ଭେମାନେ ଘରକୁ ଯାଇ ପ୍ରଣାମ କଲୁ । ଇତିମଧ୍ୟରେ କେହି ଜଣେ ଆସି ଟେବୁଲ୍ ଉପରୁ ଖଣ୍ଡେ ସତରଞ୍ଜି ଆଣି ବଢ଼ାଇ ଦେଇ ଚାଲିଗଲା, ସେଥିରେ ଆମ୍ଭେମାନେ ବସିଲୁ । ମନେ ମନେ ମୁଁ ଅଳ୍ପ ହତାଶ ହୋଇଗଲି, କାରଣ ଜଣେ ସାଧୁ ଆସିଛନ୍ତି ଅଥଚ

ଘର ମଧ୍ୟରେ କୌଣସି ଭଡ଼ ନାହିଁ, ଧର୍ମପିପାସୁ ଲୋକମାନଙ୍କ
ସମାଗମ ନାହିଁ ଏବଂ କୌଣସି ଧର୍ମଚର୍ଚ୍ଚା ମଧ୍ୟ ହେଉନାହିଁ
ପଦ ଆମ୍ଭେମାନେ ନ ଯାଇଥାନ୍ତୁ ତେବେ, ପୂରା ଉପରଓଳା ଏବ
ସନ୍ଧ୍ୟାରେ ସେ ଦୁଇଚ ଏକାକୀ ହିଁ ବସି ସମୟ କଟାଇଥାନ୍ତେ ।

ଆମ୍ଭମାନଙ୍କ ସହିତ ଯେ ଅଧିକ କିଛି କଥାବର୍ତ୍ତା ହେଲେ
ତା ମଧ୍ୟ ନୁହେଁ । ଆମ୍ଭେମାନେ କଏ, କେଉଁଠାରୁ ଆସିଛୁ ପ୍ରଥମରେ
ଏ ଗୁଡ଼ର ଦୁଇ ଗୁପ୍ତେଟି କଥା ପରେ ଚୁପ୍‌ଚାପ୍, ମଝିରେ ମଝିରେ
ଗୁଡ଼ଗୁଡ଼ା ନଳରେ କେବଳ ଶବ୍ଦ କରୁଥାନ୍ତି । ଅଗତ୍ୟା ଆମ୍ଭେମାନେ
ମଧ୍ୟ ଚୁପ୍‌ଚାପ୍ ବସି ତାଙ୍କୁ ଦେଖିବାକୁ ଲାଗିଲୁ । ସମୟ ଅତିବାହିତ
ହେବାକୁ ଲାଗିଲା, ସୂର୍ଯ୍ୟଦେବ ଗଛପତର ତଳକୁ ଖସିଯାଇଥିଲେ,
ସୁନେଲା ରୌଦ୍ରର ଦୁଇ ତିନିଟି ଛଟା ପତ୍ର ଫାଙ୍କରୁ ପଶ୍ଚିମ
ଦୁଆରକା ଦେଇ ସେହି ଘରର ଚୌକାଟରେ ଆସି ପଡ଼ୁଥିଲା ।
ପ୍ରଥମେ ମନେହେଲା, ସାଧୁ ମହାତ୍ମାଙ୍କ ଦେହର ରଙ୍ଗଟି ତ କେଶ
ଉଜ୍ଜ୍ୱଳ ଗୌରକାନ୍ତି କହିଲେ ଯଥେଷ୍ଟ ହେବ ନାହିଁ, ଗୋଟିଏ
ଲବଣ୍ୟଧାତ୍ର ଯେପରି ଦିର ପଡ଼ୁଛି । ଯହିରେ କୁଣ୍ଡାଇଥିବା
କେତେକ ଗୁଚ୍ଛକଟା ଛଡ଼ା ଉପବେଶନର ଭଙ୍ଗିରେ, ମୁଖରଙ୍ଗରେ,
ଚକ୍ଷୁର ଦୃଷ୍ଟିରେ କୌଣସି ଆଡ଼ମ୍ବର ନାହିଁ କ ଲୋକଦେଖାଣିଆ
କୌଣସି ବ୍ୟାପାର ହିଁ ନାହିଁ, ଅଛି କେବଳ ଏକ ଧରଣର ଶୁଭ୍ର
ସ୍ନିଗ୍ଧତା । ତା ପରେ ମନେହେଲା ସେ ସ୍ୱାମୀନନ୍ଦ ନୁହନ୍ତି, ଯେପରି
ଠାକୁର ଜଗମାନନ୍ଦ ସ୍ୱୟଂ ଉପବେଶନ କରିଛନ୍ତି । ସେହି ଆଜାନୁ
ଲମ୍ବିତ କେଶଗୁଚ୍ଛ । ବଶାଳ ବାହୁ, ଉଦାର ବକ୍ଷ, ବକ୍ଷ ମଧ୍ୟସ୍ଥଳରେ
ଯଜ୍ଞୋପବୀତ ବରଳ କେଶର ଆସ୍ତର, ସମାଚ୍ଛନ୍ନ ସ୍ତବଧ୍ ଉପବେଶନ
— ଠିକ୍ ଯେପରି ଦେଖାଯାଏ ତାଙ୍କର ଗୁରୁଭାଇ ପ୍ରଜ୍ଞାନନ୍ଦଙ୍କୁ ।

ଠାକୁରଙ୍କୁ ମୁଁ କୌଣସି ଦିନ ଚକ୍ଷୁରେ ଦେଖିବାକୁ ପାଇବ ନାହିଁ—ଏପରି ଗୋଟିଏ ଦୁଃଖ ମୋ ଭିତରେ ଥିଲା ନା କଣ ! ସେହି ଦୁଃଖ ବର୍ତ୍ତମାନ ମୃଗ୍ଧ ବିସ୍ମୟରେ ରୂପାନ୍ତରିତ ଅଦ୍ଭୁତ ଶାନ୍ତ ଭାବରେ ସେ ମୋ ସମ୍ମୁଖରେ ବସି ଅଛନ୍ତି, ଅଥଚ କଥାଭାଷା ନାହିଁ । କନ୍ଦୁ ଲାବଣ୍ୟ ଫୁଟୁଛି, ସେହି ଲାବଣ୍ୟ ମଧ୍ୟ ଯେପରିକ କୌଣସି ମଧୁଗନ୍ଧରେ ଭରା ।

କେତେକ୍ଷଣ ଯେ ଏପରି ଭେଜିବାକୁ ଗଲା ଛାଡ଼ା କହି ହାରେ ନା । ମୋର ବନ୍ଧୁମାନେ ଅସ୍ତବ୍ୟସ୍ତ କଲେଣି, ସନ୍ଧ୍ୟା ହୋଇ ଆସୁଛି, ତେଣୁ ଆମ୍ଭେମାନେ ପୁନଶ୍ଚ ପ୍ରଣାମ କରି ବିଦାୟ ନେଲୁ । କନ୍ଦୁ ସେହି ଦିନ ଏହି ଭେଜିବାଜିଟି କାହାର ଥିଲା ? ବଡ଼ ଭାଇଙ୍କର, ନା ଛୋଟ ଭାଇଙ୍କ ! ନା କଣ ଏହା ମୋର ଅନ୍ତରକ୍ତ କଲ୍ପନା ପ୍ରୀତିର ଫଳ ?

ଘଟଣା ପଛରେ ରହସ୍ୟ ଯାହା ଥାଉନା କାହିଁକି, ଆଜି ଦେଖିଛୁ ଯାହାର ଜୀବନ କଥା ନେଇ ଏହି ଗ୍ରନ୍ଥ—ସେହି ସୁଧାଂଶୁ-ବାଳା ହିଁ ନଳମାକାନ୍ତଙ୍କୁ ନଗମାନନ୍ଦ କରାଇଛନ୍ତି । ପୁଣି ତାଙ୍କର ମଧୁର ପ୍ରସଙ୍ଗ ନେଇ ରମାନନ୍ଦ କରିଛନ୍ତି ସୃଷ୍ଟି ସ୍ମରଣ । ଯୁବକ ନଳମାକାନ୍ତ ପ୍ରଖର ଯୁକ୍ତିବାଦୀ ଥିଲେ, ମନ ଓ ବୁଦ୍ଧିର ଆଲୋକ ସୂତ୍ର ଧରି ସେ ପଥ ଚଲୁଥିଲେ । ଈଶ୍ୱର ସମ୍ପର୍କରେ ତାଙ୍କର କୌଣସି ମୁଣ୍ଡବଥା ନଥିଲା, କନ୍ଦୁ ସେ ଥିଲେ ମନ୍ଥେଦନଶୀଳ ମାନବବାଦୀ । ସେ ନିଜ ସ୍ତ୍ରୀଙ୍କୁ ଗଭୀର ଭାବରେ ଭଲ ପାଉଥିଲେ, ଏବଂ ସବଦା ସତ୍ୟାନୁସରଣର ପକ୍ଷପାତୀ ଥିଲେ । ସେ ନିଜେ ଯାହା ସତ କୋଲି ଅନୁଭବ କରୁଥିଲେ । ତାହା ତାଙ୍କ ପ୍ରାଣ ବଳୟରେ ମାନୁଥିଲେ । ତହିଁ ପ୍ରେମ ତାଙ୍କ ନିକଟରେ ମୁଖ୍ୟ, ସୁତରାଂ ମୃତ୍ୟୁ ସବୁ ଦୁସ୍ତର ବ୍ୟବଧାନ ରଚନା କରିଥିଲା ତେବେ ମଧ୍ୟ ସେହି

ପ୍ରେମକୁ ସେ ଆଦୌ ଭୁଲ ନ ଥିଲେ କମ୍ବା ପତ୍ନୀ ସୁଧାଂଶୁବାଳାକୁ ମଧ୍ୟ ସେ ତ୍ୟାଗ କରିପାରି ନଥିଲେ । ସୁତରାଂ 'ସେହି ପତ୍ନୀ ମୁଖାଁରେ ଦେବେ କଣ ଧର୍ମ ?' ଯେ ପ୍ରୀପୃଚ୍ଛନା ରୂପର ଆଡ୍‌ଆଳରେ ଗୁଳି-ଯାଇଛନ୍ତି, ତାଙ୍କୁ ଧରିବେ ରୂପର ସୀମା ମଧ୍ୟରେ, ତାଙ୍କ ପଦ୍ମତ କଥାବାର୍ତ୍ତା ଦେବେ, ହସିବେ, କାନ୍ଦିବେ—ଏହି ଅତ୍ୟନ୍ତ ମାନବ ସୁଲଭ ଆକୃତ ହିଁ ତାଙ୍କୁ ଜ୍ଞାନ, ଯୋଗ ଏବଂ ପ୍ରେମର ସାଧନାରେ ପରପର ଉତ୍ତରତ କରାଇ ଭଗବାନଙ୍କ ନିତ୍ୟତ-ସାଯୁଜ୍ୟରେ ପ୍ରତିଷ୍ଠିତ କରିଛି ଏବଂ ଏହି ଅଚଳ ପ୍ରତିଷ୍ଠା ତାଙ୍କର ଥିଲା ବୋଲି ହିଁ ସେ ଆଜ ସଦ୍‌ଗୁରୁ ।

ଏହା ତ ଗଲା ନଳମାକାନ୍ତଙ୍କର କଥା । କନ୍ତୁ ସୁଧାଂଶୁବାଳାଙ୍କ ରହସ୍ୟଟି କଣ ? ଶ୍ରୀମତ୍ ଘନାନନ୍ଦ କଥିତ ସୁଧାଂଶୁବାଳାଙ୍କ ଏହି ଜୀବନାଟି ପାଠକଙ୍କୁ ଅନେକ କଥା ଭାବିବାକୁ ଶିଖାଇବ । ଜୀବନାଟି ଖୁବ୍ ଗ୍ରେଟ୍, ପଢିବା ପରେ ମନେ ହେବ ଆହା ! ସେ ଯଦି ସୁଧାଂଶୁବାଳାଙ୍କ ପ୍ରତି ଦିନର କଥା ଖୁଁଟି ଖୁଁଟି କୁହନ୍ତେ, ସୁଧାଂଶୁ-ବାଳା ନଳମାକାନ୍ତଙ୍କ ଗୋଟିଏ ଦିନର ମଧୁର ଦାମ୍ପତ୍ୟ-ପ୍ରେମ ବର୍ଣ୍ଣନା ମଧ୍ୟ ଯଦି ସେ ଦିଅନ୍ତେ—ତାହାହେଲେ ଆମ୍ଭେମାନେ ଏହି ଶାଦା-ଲୁଗା-ପିନ୍ଧା ଘନାନନ୍ଦଙ୍କୁ ଏପରି ଯେ ଯଥେଷ୍ଟ ଭଲ ପାଆନ୍ତୁ, ସେତେବେଳେ ହୁଏତ କରଧୃତ ଆମଳକ ପରି ଅଧିକାର କରି ନଅନ୍ତୁ ।

କନ୍ତୁ ନାନା କାରଣ ବଶତଃ ଏହି ତଥ୍ୟ ପରବେଶଣ ଘନାନନ୍ଦଜୀଙ୍କ ପକ୍ଷରେ ସମ୍ଭବ ହୋଇପାରିନ । ଏକେତ ସୁଧାଂଶୁ-ବାଳାଙ୍କ ଜୀବନକାଳ ସଂକ୍ଷିପ୍ତ, ଚକ୍ରୋପାଧ୍ୟାୟଙ୍କ ଘରେ ବୋହୂର

ଭୂମିକା ମଧ୍ୟ ସଂକ୍ଷିପ୍ତଚର । ସୁଧାଂଶୁବାଳାଙ୍କ ଏହି ଦେବରଟି ମଧ୍ୟ ସେତେବେଳେ ଅପୋଗଣ୍ଡ ଶିଶୁ ମାତ୍ର ଥିଲେ, ଯାହାଙ୍କର କ ସୁଧାଂଶୁବାଳା ହିଁ ନଜେ ପଢ଼ାପଡିର ଘର ନେଇଥିଲେ । ସେହି ସମୟର ରୋଗାକ୍ରାନ୍ତ ଶିଶୁଟିକୁ ନେଇ ସୁଧାଂଶୁବାଳା ନଗ୍ରପଦ ସ୍ଥାନରେ ପହଞ୍ଚାଇ ଦେଇଥିଲେ—ସେହି ଶିଶୁଟିର ପୁଣି କେତେ ଦୂର ଦୌଡ଼ ! ଚା ଛଡ଼ା ପରବର୍ତ୍ତି କାଳରେ ସୁଧାଂଶୁ-ନଳନୀ ନାଟକ ଯେ ଏପରି ଭାବରେ ଜମି ଉଠିବ, ଏହି ବିଷୟ କଏ ଭାବିଥିଲା ! ତା ପରେ ସୁଧାଂଶୁବାଳାଙ୍କ ଜୀବନୀ ଯେତେବେଳେ ରଚିତ ହୋଇଛି, ସେହି ସମୟର ପରିସ୍ଥିତି ମଧ୍ୟ ମନକୁ ଆଣିବାକୁ ହେବ । ସେତେବେଳେ ଶ୍ରୀମତ୍ ରମାନନ୍ଦ ରାଷ୍ଟ୍ର ଦୁର୍ବିପାକ-ବଶତଃ କୁଚବପୁର ଗୁରୁଧାମ ତ୍ୟାଗ କରି କାଁଥିରେ ଶ୍ରୀ ଗୁରୁ ମନ୍ଦିର ପ୍ରତିଷ୍ଠା କରି ବାସ କରୁଛନ୍ତି, କାର୍ପଣ୍ୟହିଁ ଯେ ସହଜରେ ସମ୍ମାନ ହୋଇନାହିଁ—ଏହି କଥା କହିବା ବାହୁଲ୍ୟ । ଏହି ଦିଗରେ ବପୁସ ମନଶ୍ୟରେ ବଢିବାକୁ ଲାଗିଛି, ନଜେ କଲମ ଧରିପାରୁ ନାହାନ୍ତି, ସ୍ମୃତି ଦୁର୍ବଳ—ଏପରି ଅବସ୍ଥାରେ ଠାକୁରାଣୀଙ୍କ କଥା ସେ କହିଛନ୍ତି, ପୁଣ ଠାକୁର ଦାସ ଲେଖି ନେଇଛନ୍ତି । ସୁତରାଂ ସୁଧାଂଶୁବାଳାଙ୍କୁ ଦେଖିଛନ୍ତି ଶିଶୁ, ବର୍ଣ୍ଣନା କରୁଛନ୍ତି କଉ । ଏହା ଯେପରିକ ଠିକ୍—ଜଡ଼ା କହେ, କାଲ୍ପ ହସେ, କଣା ଦେଖୁଛି ରଙ୍ଗ ।

ଏଣୁ ସୁଧାଂଶୁବାଳାଙ୍କ ଜୀବନାମୃତ ପାନ କରିବାକୁ ହେଲେ ପାଠକଙ୍କୁ କଛୁ ପରିମାଣରେ କଣା ହେବାକୁ ପଡ଼ିବ । ସେତେବେଳେ ରଙ୍ଗଟା ଭଲ ରୂପେ ଜମି ଉଠିବ । ପ୍ରକୃତ ପକ୍ଷରେ ଜୀବନୀ କଥକ ତଥ୍ୟର ସାମାନ୍ୟ ଉପଲବ୍ଧିର ଅମୃତ ଧରାଇ ଦେଇଛନ୍ତି ଏବଂ ଚିରନ୍ତନୀ ସୁଧାଂଶୁବାଳାଙ୍କୁ ସେ ଅଭିଷିକ୍ତ କରିଛନ୍ତି ।

ସୁଧାଂଶୁବାଳା ଥିଲେ ଶ୍ରୀମତ୍ପୀ, ଦାସ୍ୟମତ୍ପୀ ଏବଂ ତାଙ୍କ ବୁଦ୍ଧି ମଧ୍ୟ ପ୍ରତ୍ୟୁତ୍ପନ୍ନମତ୍ତ୍ୱର ଫାପ୍ତିରେ ଫାପ୍ତିମତ୍ପୀ । ଦୁଃଖ ବା ସୁଖ, ଦୁର୍ଭିକ୍ଷ କମ୍ବା ଉତ୍ସବ—ଯାହା କଛୁ ଆସୁନା କାହିଁକି, ସେ ସବୁରି ଅନବସନ୍ନା ଏବଂ ଅନୁଦ୍ଭ୍ରାନ୍ତା । ଦୁଇଟି ଦସ୍ତ ତାଙ୍କର ଦଶଭୂଜା । ଗୃହସ୍ଥଳୀର କାର୍ପ୍ୟଙ୍ଗନରେ ସେ ଜଣେ ହିଁ ଶତେ । କନ୍ତୁ ଯେତେ କାର୍ପ୍ୟ କରନ୍ତୁ ନା, ତାଙ୍କର ମନ ସ୍ୱାମୀଙ୍କ ନକଟରେ ରତ୍ନଥିବ । ସ୍ୱାମୀ ତାଙ୍କର ସର୍ବସ୍ୱ, ସ୍ୱାମୀ ପ୍ରେମ ହିଁ ସୁଧାଂଶୁବାଳାଙ୍କ ଜୀବନ କାବ୍ୟର ଅଙ୍ଗିରସ । ଗୃହପରଜନ ପ୍ରତ୍ତବେଶୀ ସମସ୍ତେ ସୁଧାଂବାଳାଙ୍କ ନକଟରେ ସେହି ପ୍ରେମର ପ୍ରତ୍ତଚ୍ଛସ ମାନ । ଏହି ଏକାନ୍ତ ସ୍ୱାମୀପ୍ରେମ କୈନ୍ଦ୍ରିକ ରମଣୀଙ୍କ ପକ୍ଷରେ କବର କବତା ଘଂକ୍ତି ଖୁବ୍ ଅକ୍ଲେଶରେ ପ୍ରଯୁପ୍ୟ ହୋଇପାରେ—

ତୁମେ ଆସିଲ ଆଗେ ଆଗେ ପ୍ରଦୀପ ଧର କରେ,
ତୁମର ପଛରେ ବଶ୍ୱ ବୁଡ଼ିଲ ଅନ୍ଧାରରେ ।

ମୁଁ ଯେ ଶ୍ରୀମତ୍ପୀ ସୁଧାଂଶୁବାଳାକୁ ରମଣୀ କହିଲି, କୌଣସି ଫତ୍ତ୍ରମ ସୂଚକ ବଶେଷଣରେ ବଶେଷିତ କଲି ନାହିଁ, ତାର ମଧ୍ୟ ଗୋଟିଏ କାରଣ ଅଛି । ସୁଧାଂଶୁବାଳାଙ୍କ ସମ୍ପର୍କରେ ଗୋଟିଏ ମାତ୍ର ଅନୁଭୂତ ଆମ୍ଭମାନଙ୍କର ମନକୁ ଆସେ । ସେ ଆମ୍ଭମାନଙ୍କର 'ମାଁ' ନୁହନ୍ତି, ସେ ଆମ୍ଭମାନଙ୍କର ଝିଅ । ଏପର ଝିଅ—ଯାହାକୁ ନେଇ ଆମ୍ଭମାନଙ୍କର ଦସ ଓ କାନ୍ଦର ଅବଧି ନାହିଁ...। ଇଚ୍ଛାହେଲେ ଏହି ଝିଅଟିକୁ ହୃଦପ୍ଦରେ ଅଦୋଗସ ଲାଳନ କରିବ, ଆଉ ତାପରେ ମଧ୍ୟ କହିପାରେ—ଏହି ଝିଅ ତ ଝିଅ ନୁହଁ, ନଶ୍ଚପ୍ଦ ଦେବତା ।

ସୁଧାଂଶୁବାଳାଙ୍କ ଏହି ଦୈବୀସତ୍ତା ବଷପ୍ଦ ମୁଁ କପର କହିବ ଜାଣିନାହିଁ । ଯେଉଁ ଶକ୍ତିଦାସ କଣା ମଧ୍ୟ ରଙ୍ଗ ଦେଖିପାରେ, ସେହି

ଶକ୍ତି ମୋର ନାହିଁ । ମୁଁ ଚକ୍ଷୁ ସହିତ କାନ ଥିବା ଗୋଟିଏ ଅଧା ମଣିଷ ମାତ୍ର । ମୁଁ କାଣେ ଦୁଇ ସବୁତ ଦୁଇ ଯୋଗ କଲେ କେବେ ମଧ୍ୟ ପାଞ୍ଚ ହେବ ନାହିଁ । କନ୍ଦୁ ସୁଧାଂଶୁବାଳାଙ୍କ ଷେତରେ ଛାଡ଼ା ହୋଇଥିଲା । ମୃତ୍ୟୁ ପରେ ମଧ୍ୟ ଏହି ପଞ୍ଚଭୂତ ପୃଥିବୀକୁ ତାଙ୍କର ଗତାଗତ ଅବ୍ୟାହତ ଥିଲା । ଯେଉଁର କ କଣ୍ଡ ଶସ୍ତର ବ୍ୟଞ୍ଜିତ ତାଙ୍କର ଅନ୍ୟ ଏକ ଶସ୍ତର ଥିଲା, ତାଡ଼ା କଣ୍ଡ ଶସ୍ତର ପର ଅଥର କଣ୍ଡ ନୁହେଁ । ତାଡ଼ା ପ୍ରାଣର ବା ମନର ଅଥବା ପ୍ରାଣ-ମନର ଅଙ୍ଗିତ କୌଣସି ଚନ୍ଦ୍ରପ୍ତ ଉପାଦାନ ଦ୍ୱାରା ଗଠିତ । କେଉଁ ଟ୍ରିଥ ରାମ ପ୍ରସାଦଙ୍କ ଘରର ସୌନ୍ଦର୍ଯ୍ୟ ଫେରାଇଥିଲେ ? କେଉଁ ମାଁ ପଥର ମୂର୍ତ୍ତିରୁ ବାହାର ଆସି ଶ୍ରୀ ରାମକୃଷ୍ଣଙ୍କ ସହିତ କଥା ହେଉଥିଲେ ? ସେମାନଙ୍କର ଅବପ୍ତବ କେଉଁଥିରେ ଗଡ଼ା ହୋଇଥିଲା ? ସୁଧାଂଶୁ-ବାଳା ମଧ୍ୟ ସେହି ମୂର୍ତ୍ତି ନେଇ ନଳନ୍ଦାକାନ୍ତଙ୍କ ନକଟକୁ ଆସୁଥିଲେ, ଏବଂ ନଳନ୍ଦାକାନ୍ତ ଚାଲୁ ଦେଖି ଦେଖି ବଦଳ ଯାଇଥିଲେ । ତା ପରେ ସୁଧାଂଶୁ-ନଳନ୍ଦା ନାଟକ କ୍ରମଶଃ ଜମି ଯାଇଥିଲା ।

ନାଟକଟିର ସାରସତ୍ତ୍ୱ କଣ ? ପ୍ରେମ ହିଁ ଜୀବନ, ମୃତ୍ୟୁରେ ପ୍ରେମର ଶେଷ ହୁଏ ନାହିଁ ଏବଂ ଜୀବନର ମଧ୍ୟ ଶେଷ ହୁଏ ନା । ତେବେ ପ୍ରେମ କଣ ନ କରିପାରେ ? ପ୍ରେମ ନାସ୍ତିକକୁ ଆସ୍ତିକ କରଏ, ସ୍ୱଶପ୍ତୀ ତାର୍କିକ ଏବଂ ବଷନ୍ତକୁ କରଏ ନତଜାନୁ ପ୍ରାର୍ଥନାଶୀଳ କରୁଣାଭିକ୍ଷୁ । କ୍ଷୁରଧାର ନଗିତ ଦୁର୍ଗମ ପଥରେ ସେତେବେଳେ ସାଧକ ଆଗେଇ ଯାଏ, ଜାପ୍ତା-ଜାତା ଓ ଜନମାକୁ ଆବିଷ୍କାର କରେ ସେହି ଏକ ଜଗଜ୍ଜାତାଙ୍କ ମଧ୍ୟରେ । ତାର ସେହି ଆବିଷ୍କାରର ଆନନ୍ଦ ଓ ଆଶୀର୍ବାଦ ମିଳାଇ ଦେବା ଜମିତ୍ତ ପୁନଶ୍ଚ ସେ ଜଗତ ଆଡ଼କୁ ଫେରି ଗୃହେଁ ।

ଏହି ଫେରସ୍ତ ଯୁହାଁକାରେ ହିଁ ନାଟକଟି ଶେଷ କ ନାହିଁ ବ
ଅଦୌ ଶେଷ ହୋଇଛୁ କ ନାହିଁ—ସେହି ବିଷୟ ମୋ ପକ୍ଷେ କଳ୍ପନ
ଅସମ୍ଭବ । କାହିଁକ ନା, ମୁଁ କେହି ନୁହେଁ, କିଛି ନୁହେଁ, ବନ୍ଧୁ
ବର୍ଷ ପୂର୍ବେ ସେ ଦୁଇ ଏକ ମିନଟ୍ ପାଇଁ ମୋତେ ଭୋଜବାଜ
ଦେଖାଇଥିଲେ କୌଣସି ଦକ୍ଷିଣା ନ ନେଇ । ଛେଣ୍ଡୁ ଛାଙ୍କର ବନ୍ଧୁ
ଆଦରର ସୁଧାଂଶୁବାଳା ସମ୍ପର୍କରେ ଭୂମିକାଟି ଆଜ ସେହି ଦକ୍ଷିଣ
ଦେବାର ଏକ ହାସ୍ୟକର ଚେଷ୍ଟା କଲ—ଏହି ମାତ୍ର ।

ଶ୍ରୀ ଅରବିନ୍ଦ ଚରିତ୍ରଦ
କାଁଥି, ମେଦିନୀପୁର
ତା ୧୬-୯-୧୯୬୬

। ଇତି ।
ଚିତ୍ତରଞ୍ଜନ ସାହୁ, ଏମ୍. ଏ

ଠାକୁର-ଈଶ୍ୱରୀ

ତୁମର କନକ ପ୍ରତିମା ଯେ, କାଳର ଗର୍ଭରେ ବିସର୍ଜନ ।
ପଞ୍ଚାଦ୍ଧର ଶିବଙ୍କର ଢେଲ୍ଲ ଶୂନ୍ୟ-ମରୁ ଏ ତନ ଭୁବନ ॥

ତୁମକୁ ପାଇବାକୁ ବଶ୍ୱ ଜୁଡ଼ାଇ, ଚେଣ୍ଟୁ ଚ କ୍ଷ୍ୟାଟାଙ୍କ ଅନ୍ୱେଷଣ,
ଭବ ବଭସରେ ବଙ୍ଗେର ଏବଂ ବ୍ୟାକୁଳ ହୃଦପୁ ବୃନ୍ଦାବନ ॥

ମହାମାପ୍ପାଙ୍କର ଅଂଶସମ୍ଭୁଚା ତୁମେ ହିଁ ମାଆ ଗୋ ଠାକୁରାଣୀ ।
ରୁଦ୍ରଶିବକୁ ଶାନ୍ତ କରିଦେଲ ତୁମର ମନ୍ତ୍ର ସଞ୍ଜିବନୀ ॥
ସୁଧାଂଶୁ ଚବ କରଣମାଳା ରାତିର ଅନ୍ଧାର କରେ ଛିନ୍ନ ।
ସେହିପରି ତୁମ ସୁଧାରାଶି ଉଜ୍ୱଳ କରେ ବଶ୍ୱଭୁବନ ॥

ମର୍ତ୍ୟଭୂମିର ମାପ୍ପା ଘୁଡ଼ ମରଣ ପାରରେ ଉତ୍ତରଣ ।
ତୁମର ହିଁ ସେହ୍ନ ଅରୂପ-ରୂପର ଆନନ୍ଦଲୋକରେ ଉଜ୍ଜୀବନ ॥
ଶାଶ୍ୱତ ସେହ୍ନ ଶାନ୍ତିଧାମ ଆକାଙ୍କ୍ଷ-ମାନସ ପ୍ରସ୍ରବଣ ।
ପରଲୋକ ଅବଶ୍ୱାସୀ ହୃଦପୁକୁ କର ପ୍ରକ୍ଷାଳନ ॥

ଖୋଜବାକୁ ଯାଇ ସେଠାକୁ ତୁମ୍ଭକୁ 'ନଳନ୍ନା' ସାଜଲେ ଠାକୁର ।
ତୁମେ 'ଠାକୁର-ଈଶ୍ୱଙ୍ଗ'ସେହ୍ନ କର୍ତ୍ତୀ ବଶ୍ୱରେ ସାଜିଲ ତୁମର ॥
ଯାର ଆଲୋକରେ ପ୍ରେମିକ କ୍ଷ୍ୟାପାର ଆଗମ ନିଗମ ସାଧନ ଗୁରୁ ।
ତୁମର ତନୁର ଅନ୍ତରାଳରେ ତୁମେ ହିଁ ଯେ ତାର ନାଃକଗୁରୁ ॥

ଶ୍ରୀ ତାରକଙ୍କର ଚକ୍ରବର୍ତ୍ତୀ

କୃତଜ୍ଞତା

ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍ ।
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହଂ ।।

ପରମ ପୂଜ୍ୟପାଦ ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଚରଣ ସରୋଜରେ ମୋର ଅସଂଖ୍ୟ ପ୍ରଣତି । ଶ୍ରୀ ଶ୍ରୀ ଠାକୁରଙ୍କ ଅହେତୁକ କୃପାରୁ ତାଙ୍କ ଆଦରର 'ଗୁଣୀ'ଙ୍କ ଜୀବନର କତିପୟାଂଶ ମାସ ବଙ୍ଗାଳାରୁ ଓଡ଼ିଆରେ ପ୍ରକାଶ ହୋଇ ପାରିଲା, ଏଥିରେ ଯନ୍ତ୍ରୀର ହିଁ କୃତିତ୍ୱ । ଯଦି କିଛି ଭୁଲ ଥାଏ ତେବେ ଏହି ଅଧମକୁ କ୍ଷମା ଦେବେ । ଠାକୁରଗୁଣୀଙ୍କ ଜୀବନ ବୃତ୍ତାନ୍ତ ପ୍ରକାଶ ନିମିତ୍ତ ପୂଜ୍ୟପାଦ ଗୁରୁଧାମର ସେବାର୍ପିତ ଓ ଟ୍ରଷ୍ଟି ଶ୍ରୀମତ୍ ଠାକୁର ଦାସ ବ୍ରହ୍ମଚାରୀ ଅନୁମତି ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ଏବଂ ଅନୁବାଦ ଓ ପ୍ରକାଶ କାର୍ଯ୍ୟରେ ଯେଉଁ ଭାଇମାନେ ସାହାଯ୍ୟ ସହାନୁଭୂତି ଦେଇଛନ୍ତି, ଠାକୁର ସେମାନଙ୍କ ସଦା ସର୍ବଦା ମଙ୍ଗଳ କରନ୍ତୁ ।

ପରିଶେଷରେ ଏହି ପୁସ୍ତକଟି ପାଠକମାନେ ପାଠ କରି ଯଦି ମାଁଙ୍କ ବିଷୟରୁ ପାଇ ଆନନ୍ଦ ପାଇବେ ତେବେ ମୋର ଶ୍ରମ ସାର୍ଥକ ହେବ ।

ଇତି

ଲଳିତ ମୋହନ ପଟ୍ଟନାୟକ

ଶ୍ରଦ୍ଧାଞ୍ଜଳି

ବାଗର୍ଥାବିବ ସମ୍ପୃକ୍ତୌ ବାଗର୍ଥ-ପ୍ରତିପତ୍ତୟେ ।
ଜଗତଃ ପିତରୌ ବନ୍ଦେ ପାର୍ବତୀ-ପରମେଶ୍ୱରୌ ॥
(ରଘୁବଂଶ—କାଳିଦାସ)

ଉମା ମହେଶ୍ୱରଙ୍କ ସମ୍ବନ୍ଧିତ ମହାକବି କାଳିଦାସ ଶବ୍ଦ ଓ ଛାର ଅର୍ଥର ତୁଳନା ଦେଇଛନ୍ତି । ଅର୍ଥଶୂନ୍ୟ ଶବ୍ଦ ଯେ ନାହିଁ, ତା ନୁହେଁ । କନ୍ତୁ ନିରର୍ଥକ ଶବ୍ଦର ପୁଣି ମୂଲ୍ୟ କଣ ? ସାଂସାରିକ ପ୍ରୟୋଜନରେ ମନିଷ ଯେଉଁ କଥା କୁହେ, କବି ବା ସାହିତ୍ୟିକ ଯେଉଁ ସବୁ ଭାଷା ବ୍ୟବହାର କରେ, ତାହା ସମସ୍ତ ଅର୍ଥଯୁକ୍ତ । ଶବ୍ଦ ଓ ଛାର ଅର୍ଥ ଯେଉଁର ଶରୀର ଅଙ୍ଗାଙ୍ଗୀଭୂତ, ଦୁଇଟିକୁ ପୃଥକ୍ କରିପାରେ ନାହିଁ—ସେହିପରି ଆମ୍ଭମାନଙ୍କର ଆଦ୍ୟ ପିତାମାତା ମଧ୍ୟ ଅନ୍ୟୋନ୍ୟ ସମ୍ବନ୍ଧ ।

ଠାକୁର ନିଗମାନନ୍ଦ ଓ ଠାକୁରଣୀ ସୁଧାଂଶୁବାଳା ଯୌଗିକ ଶିବସନ୍ଧି ବା ଅର୍ଦ୍ଧନାରୀଶ୍ୱର ତତ୍ତ୍ୱଭୁକ୍ତ ଏବଂ ଏକ ଭିନ୍ନ ବିଗ୍ରହ କହିବା ଠିକ୍ ହେବ । ଅଥବା କୁହାଯାଇପାରେ ପ୍ରତିମାର ଚଳଚଳ ପରି ସଦ୍‌ଗୁରୁ ନିଗମାନନ୍ଦଙ୍କର ପଶ୍ଚାତ୍‌ପଟରେ ମାଁ ଠାକୁରଣୀଙ୍କ ଷଡ଼ୈଶ୍ୱର୍ଯ୍ୟ ପରିପୂର୍ଣ୍ଣ—ନିତ୍ୟାବସ୍ଥାନ । ଚଳଚଳ କେବେ ମଧ୍ୟ ପୂଜା ପାଇବା ନିମିତ୍ତ ଦାବୀ ରଖେ ନାହିଁ । ତାର ସ୍ୱତନ୍ତ୍ର ଅସ୍ତିତ୍ୱ ପ୍ରତିମାକୁ ଆବୃତ କରେ ନାହିଁ ବରଂ ପ୍ରତିମାର ମହତ୍ତ୍ୱକୁ ଆହୁରି ଉଜ୍ଜ୍ୱଳ କରେ । ତେଣୁ ଏଥି ନିମିତ୍ତ ଭକ୍ତ ଜାଣେ ଯେ ଏହି ଗ୍ରନ୍ଥାବଳୀ ତାର ନାଃଶବ୍ଦ ଉପସ୍ଥିତିରେ ଦେବତାଙ୍କୁ ପୂର୍ଣ୍ଣତମ ଭାବରେ ପ୍ରକଟ କରୁଛି,

ଛାଡ଼ା ନ ରହିଲେ ଆଗ୍ରଧ ବଗ୍ରହଟି ଯେପରି ଶୋଭା ପାଏ ନାହିଁ । ସେହିପରି ଠାକୁରଣୀ ସୁଧାଂଶୁବାଳାଙ୍କ ନେପଥ୍ୟବର୍ତ୍ତିନୀ ଷୋଡ଼ଶୀ ସ୍ତ୍ରୀ ହିଁ ପରମହଂସ ନଗମାନନ୍ଦଙ୍କୁ ଦକ୍ଷିଣାମୂର୍ତ୍ତିଙ୍କ ପରିପୂର୍ଣ୍ଣ ରୂପରେ ଫୁଟାଇ ତୋଳିଛି— ନିର୍ବାଣ ରସିକ ଏକ ସନ୍ନ୍ୟାସୀଙ୍କୁ କରିଛି 'ପ୍ରେମୀ ପରମହଂସ' । (ଶ୍ରୀ ରାମକୃଷ୍ଣ କଥାମୃତ, ଦ୍ୱିତୀୟ ଖଣ୍ଡ ୧୧/୨ ଦ୍ରଷ୍ଟବ୍ୟ) ।

ଆଜି କେ ନ ଜାଣେ, ପରଲୋକଗତା ମନୋରଞ୍ଜ୍ୟାନୁପାରିଣୀ ଘର୍ମ୍ୟାଙ୍କ ସନ୍ଧାନରେ ହିଁ ନଳମାକାନ୍ତ ଚଟ୍ଟୋପାଧ୍ୟାୟ ଜଲ୍‌କା ପର୍ଯ୍ୟ ଆଧ୍ୟାତ୍ମ ଜଗତର ଅଜଣା ବନ୍ଧୁର ପଥରେ ଛୁଟିଥିଲେ । ମୁକ୍ତି ବା ମୋକ୍ଷ ଓ ଭଗବାନ—କିଛି ସେ ଖୋଜି ନଥିଲେ । ଖୋଜିଥିଲେ କେବଳ ତାଙ୍କର ପ୍ରେମରେ ଆତ୍ମହରା କଣୋଷ୍ଠୀ ସ୍ତ୍ରୀଟିକୁ । ଆଶା କରିଥିଲେ ପୁଣି ଏହି ଜଗତକୁ ଫେରାଇ ଆଣିବେ । ଏହାର ମହାଫଳ ସୁରୂପ ସଚ୍ଚିଦାନନ୍ଦ ନାମା ନଗମାନନ୍ଦଙ୍କ ସମାଧି ଯୋଗରେ ନିର୍ବିକଳ୍ପର ଜ୍ଞାନ ବା ବ୍ରହ୍ମଜ୍ଞାନବୋଧ । ବ୍ରହ୍ମଲୀନ ନଗମାନନ୍ଦଙ୍କର ମର୍ତ୍ତ୍ୟକୁ ପୁଣି ଫେରି ଆସିବାର କଥା ନୁହେଁ; କାରଣ ଗୁରୁବ୍ରହ୍ମ ଆବିଷ୍ଟ ହେଲେ ତାଙ୍କର ବ୍ରାହ୍ମୀତନୁରେ । ତେଣୁ ଆତ୍ମୀୟମାନେ ଗୁରୁଭାବରେ ତାଙ୍କୁ ବ୍ୟବହାର ହେବାର ଦେଖିଲେ । ନିର୍ବିକଳ୍ପକୁ ନ ଗଲେ କେହି 'ସଦ୍‌ଗୁରୁ' ହୋଇପାରନ୍ତି ନାହିଁ, ଅର୍ଥାତ୍ ଜୀବୋଦ୍ଧାରର ମନ୍ତ୍ରପୂତ ଜଳ ହାତରେ ଧରି ଆସନ୍ତି ନାହିଁ । ଏହା ଆମର ଶ୍ରୀ ଶ୍ରୀ ଠାକୁରଙ୍କ ମୁଖରୁ ହିଁ ଶୁଣୁଛୁ । ତାହାହେଲେ ଦେଖିବାକୁ ମିଳେ ଠାକୁରଣୀଙ୍କ ଅସୀମ ଭଲପାଇବା ହିଁ ମୂଳନମିତ୍ତ ହୋଇ ନଳମାକାନ୍ତ ଚଟ୍ଟୋପାଧ୍ୟାୟଙ୍କୁ ଶେଷ ପର୍ଯ୍ୟନ୍ତ ସଦ୍‌ଗୁରୁ ନଗମାନନ୍ଦରେ ରୂପାନ୍ତରିତ କଲା । କି ଆଶ୍ଚର୍ଯ୍ୟ ମହାଶକ୍ତି ତାଙ୍କ ପ୍ରେମର !

ଉଦ୍ଧାର କଣ୍ଠରେ ଋଣ ସ୍ୱୀକାର କରି ଠାକୁର ପ୍ରେମିକଗୁରୁର ଉତ୍ସର୍ଗ ପତ୍ରରେ ଲେଖିଛନ୍ତି—'ପ୍ରେମମୟୀ ! ତୁମ ପ୍ରେମପ୍ଲାବନର ସ୍ରୋତ ପଡ଼ିବାରୁ ହିଁ ନା ଏହି ନଷ୍ଟ ହୃଦୟ ସରସ ହୋଇଥିଲା' । ଗୁରୁଭ୍ରବରେ ଏହା ମଧ୍ୟ ସେ ସେତେବେଳେ ଜାଣିଥିଲେ. ଏହି ଋଣ ତାଙ୍କର ପରିଶୋଧ ହେବ, ଯଦି ସେ ସମଗ୍ର ବିଶ୍ୱବାସୀଙ୍କୁ ଅମୃତ ସୁଧାଂଶୁବାଳାଙ୍କ ମୂର୍ତ୍ତ ପ୍ରତିମା ଜାଣି ଆତ୍ମହରା ହୋଇ ଭଲ ପାଇ ପାରିବେ ଏବଂ ସ୍ୱୀୟ ଶକ୍ତି ବଳରେ ଜୀବାବର୍ତ୍ତରୁ ଟାଣି ତୋଳି ନେଇପାରିବେ । ସନ୍ନ୍ୟାସୀର ସାଧନାରେ ତାଙ୍କର ଚତ୍ତ ଆକାଶବତ୍ ଶୂନ୍ୟ ହୋଇଯାଇଥିଲା । (ଚଠି ୧/୨) ମରୁଭୂମି ପରି ତାହା ରୁକ୍ଷ ଓ କଠୋର । ସ୍ନେହ-ପ୍ରେମ-ଦୟାଦାକ୍ଷିଣ୍ୟ କେଉଁଠାରୁ ପାଇବେ ତା ହେଲେ ? ବ୍ରହ୍ମସ୍ୱରୂପାବସ୍ଥିତ ଠାକୁର ପୁଣି ଏହା ମଧ୍ୟ ଜାଣିଥିଲେ ଯେ, ଜଗତ୍ ବ୍ରହ୍ମମୟ । ତାଙ୍କ ଚକ୍ଷୁରେ ସୁଧାଂଶୁବାଳା ସାମାନ୍ୟ ଗୋଟିଏ ମାନବୀ ନୁହଁନ୍ତି, ପୁଣି ବ୍ରହ୍ମମୟୀଙ୍କ ଗୋଟିଏ ରୂପ । ତେଣୁ ସେ ତାଙ୍କୁ ଉଦ୍ଦେଶ୍ୟ କରି ଆବେଦନ ଜଣାଇଲେ—'କରୁଣା କରି ପ୍ରେମରେ ଭସାଇ ପାଷାଣ ତରଳାଇ ଦିଅ ।' ଯେମନେ ଯେ ମାଁ ମୃତ୍ୟୁପୁରୀରୁ ଫେରିଆସି ତାଙ୍କୁ ପ୍ରଥମେ ଜଣାଇଥିଲେ ପ୍ରେମର ପ୍ରଚଣ୍ଡ ଶକ୍ତି, ପ୍ରେମ ମୃତ୍ୟୁଞ୍ଜୟ—ତାଙ୍କ ନିକଟରେ ହିଁ ଠାକୁର ଭିକ୍ଷାପାତ୍ର ତୋଳି ଧରିଥିଲେ । ଚାହିଁଥିଲେ ଯେ ଏହିପରି ଭଲ ପାଇବା ହିଁ ମୋତେ ଶିଖାଅ । ବୁକୁଭରା ଭଲ ପାଇବା ଦ୍ୱାରା ଜୀବଜଗତକୁ ଦୁଇ ହାତରେ କୋଳକୁ ଟାଣିନେଇ ଗୁରୁଦତ୍ତ ମନ୍ତ୍ରାବ୍ରତ ଉଦ୍‌ଯାପନ କରିବ ।

ଏହିପରି ଆମ ନିକଟରେ ବର୍ତ୍ତମାନ ଯୁଗରେ ପୁରାଣ କଥା ପୁଣି ସତ୍ୟରେ ପରିଣତ ହେଲା । ସଦ୍‌ଗୁରୁ ଜଗମାନନ୍ଦ ସାକ୍ଷାତ୍ 'ମନ୍ତ୍ରାମନ୍ତେଶ୍ୱର' ଏବଂ ତାଙ୍କ ଅର୍ଦ୍ଧାଙ୍ଗିନୀ 'ପ୍ରତ୍ୟକ୍ଷ ମନ୍ତେଶ୍ୱରୀ ।'

ଅନ୍ତଃପୁଷ୍ପାଙ୍କ ଦ୍ୱାରରେ ଶିବ ଉକାସ—ଏଇଠାରେ ପ୍ରମାଣିତ ହେବା ଆମେ ଦେଖିଲେ । ସୁତରାଂ ମାଁ ଠାକୁରାଣୀ ଯଦି ପଶ୍ଚାତରେ ନ ଥାନ୍ତେ ତେବେ ଶ୍ରୀ ଜଗମାନନ୍ଦ କଣ ଶଙ୍କର-ଗୌରାଙ୍ଗଙ୍କ ମିଳିତ ବିଗ୍ରହ 'ପ୍ରେମୀ ପରମହଂସ' ବା ସଦ୍‌ଗୁରୁ ରୂପରେ ଆବର୍ଭୂତ ହୋଇଥାନ୍ତେ ?

ଅଲୌକିକ ଦୃଗତିକୁ ଛାଡ଼ିଦେଇ ଲୌକିକ ଜୀବରେ ଯଦି ଦେଖାଯାଏ, ତେବେ କୁହାଯିବ ଶ୍ରୀ ଶ୍ରୀ ଠାକୁରଙ୍କ ଠାରେ ଯେଉଁ ସାରସ୍ୱତ ଧାରା ବା ବାଣୀ ମାଧ୍ୟମରେ ସନାତନ-ଧର୍ମ ପ୍ରଚାରର ଶକ୍ତି ଭାର ମଧ୍ୟ ଉନ୍ମେଷ ଘଟିଥିଲା ଏହି ଠାକୁରାଣୀଙ୍କୁ ନମିତ୍ତ କରି । ଗୁରୁଦାସ ଚଟ୍ଟୋପାଧ୍ୟାୟ ଏଣ୍ଡ୍ ସାନସନ୍ସ ମୁଦ୍ରିତ ହୋଇଥିବା 'ସୁଧାଂଶୁବାଳା' ଉପନ୍ୟାସରେ ଯେଉଁ ସାମ୍ବତ୍ସରିକ ନଳମାକାନ୍ତ ଚଟ୍ଟୋପାଧ୍ୟାୟ ଜନ-ସମାଜରେ ପ୍ରଥମ ଆତ୍ମପ୍ରକାଶ କରିଥିଲେ, ତାଙ୍କର ହିଁ ଉତ୍ତର ଦୁଇଟି 'ଯୋଗୀଗୁରୁ'ର ବାଣୀ ଆକାରରେ ଜନ୍ମ ନେଇଥିଲା । ପୁଣି ମଧ୍ୟାହ୍ନ ସାନ୍ଧ୍ୟ ପ୍ରକାଶ ପାଇଲା ଶେଷ ଗ୍ରନ୍ଥ 'ପ୍ରେମିକଗୁରୁ'ରେ । ଏହାପରେ ନଳମାକାନ୍ତଙ୍କ କଲମ ଧରିବା ବନ୍ଦ ହୋଇଥିଲା ।

ତେଣୁ ମନେହୁଏ ଶିବଲିଙ୍ଗ ଯେପରି ଗୌରୀପଟ୍ଟ ଅନ୍ତର୍ଗତ, ମାଁ ଠାକୁରାଣୀଙ୍କ ଦିବ୍ୟ ଜୀବନ ସେହିପରି ସଦ୍‌ଗୁରୁ ଜଗମାନନ୍ଦଙ୍କ ଆବର୍ଭାବ-ପୀଠ । ଠାକୁରାଣୀଙ୍କ ଜୀବନ ଅନୁଧ୍ୟାନ କରିବାକୁ ଗଲେ ମାତ୍ରେ ମାଁ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଆପେ ଆପେ ନତମସ୍ତକ ହୋଇଯାଏ ! ଦ୍ୱିଦଳ ଚତୁର୍ଭୁଜ ଉଭୟେ ଚରସନ୍ଧ୍ୟ ଗୋଟିଏ 'ବ୍ରହ୍ମରୂପ' ।

ତାହା ବୋଲ ଠାକୁରଣୀ ଜଗତ ସାରସ୍ୱତ ସଙ୍ଘ-ଜନନୀ ନୁହଁନ୍ତି । କନ୍ତୁ * ସାରସ୍ୱତ ସଙ୍ଘ ନଗକାର ପରବ୍ରହ୍ମ ବା ସଦ୍‌ଗୁରୁ ଜଗମାନନ୍ଦଙ୍କ ଆଶ୍ରିତ ଏବଂ ଠାକୁରଣୀ ଆମ୍ଭମାନଙ୍କ ଗୁରୁ ମହାରାଜାଙ୍କର ଗୁରୁ ଶକ୍ତି-ସ୍ୱରୂପା । ଅର୍ଥାତ୍ ଗୁରୁ ଜଗମାନନ୍ଦ ଅର୍ଦ୍ଧନାରୀଶ୍ୱର ତତ୍ତ୍ୱ । ଏଥି ନମିତ୍ତ ତାଙ୍କୁ ପୂର୍ଣ୍ଣରୂପେ ଜାଣିବାକୁ ହେଲେ ମାଁ ଠାକୁରଣୀଙ୍କୁ ନ ଜାଣିଲେ ନ ଚଳେ ।

'ଜ୍ଞାନ ଗୁରୁ'ରେ ଠାକୁର ତାଙ୍କର ଯେଉଁ ବେଦାନ୍ତ ଦର୍ଶନ ଉପସ୍ଥାପିତ କରିଛନ୍ତି ସେଥିରୁ ଜଣାଯାଏ—'ବଦ୍ୟା ଓ ଶିବତତ୍ତ୍ୱର ଏକତ ସମ୍ମିଳନ ହିଁ ବ୍ରହ୍ମତତ୍ତ୍ୱ' । ଗୁରୁବ୍ରହ୍ମ ଜଗମାନନ୍ଦଙ୍କ ଜୀବନ ମଧ୍ୟ ଠିକ୍ ଏହି ଲକ୍ଷଣାକ୍ରାନ୍ତ । ସୁଧାଂଶୁବାଳା ଓ ନଳମୋକାନ୍ତ ଚଟ୍ଟୋପାଧ୍ୟାୟଙ୍କ ଏକତ ମିଳନ ହିଁ 'ସଦ୍‌ଗୁରୁ ଜଗମାନନ୍ଦ' ।

ମହାଯାନ ବୌଦ୍ଧମାନେ ଜାଣନ୍ତି, ଗୋପା ହିଁ ବୁଦ୍ଧଦେବଙ୍କ ଶକ୍ତି ସ୍ୱରୂପା ପ୍ରଜ୍ଞା-ପାରମିତା । ରସିକ ବା ପ୍ରେମିକ ଭକ୍ତ ଜାଣେ, ପ୍ରଥମ ପତ୍ନୀ ଲକ୍ଷ୍ମୀଦେବୀ ହିଁ ଶ୍ରୀ ଚୈତନ୍ୟଙ୍କ ରାଧାଭାବ ଅଙ୍ଗୀକାରର ଉତ୍ସ । କନ୍ତୁ ଏହା କିପରି ହେବ ? ଗୋପା ତ ନିର୍ବାଣ ଲାଭ ପାଇଁ କୌଣସି ତପସ୍ୟା କରିନାହାନ୍ତି ! ତାଙ୍କୁ ବୁଦ୍ଧଶକ୍ତି ପ୍ରଜ୍ଞାପାରମିତା ବୋଲ କାହିଁକି ଧରିପିବ ? ଲକ୍ଷ୍ମୀଦେବୀ ଗୌରଙ୍କ ବରହରେ ପ୍ରାଣ

---

* ସାରସ୍ୱତ ସଙ୍ଘରେ 'ଭୈରବୀ ମା' ରୂପରେ ପରିଚିତା ଶ୍ରଦ୍ଧେୟା ଯୋଗମାୟା ଦେବୀ । ପୂର୍ବାଶ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କର ଶିଷ୍ୟ ୬ ଉମାଚରଣ ସରକାର ମହାଶୟଙ୍କ ଧର୍ମପତ୍ନୀ ଥିଲେ । ସଂସାରାଶ୍ରମରେ ତାଙ୍କର ନାଁ ଥିଲା ହେମଲତା । ଠାକୁର ତାଙ୍କୁ ଅବଧୂତ ସନ୍ନ୍ୟାସ ଦାନ କରି 'ଯୋଗମାୟା' ନାମ ଦେଇଥିଲେ । ସେ ହିଁ ସଙ୍ଘ ଜନନୀ ରୂପରେ ସାରସ୍ୱତ ସଙ୍ଘରେ ପ୍ରଖ୍ୟାତ ।

ଦେଇଥିଲେ ସତ, କନ୍ତୁ ତାହା ବୋଲି 'ତା କୃଷ୍ଣ' କହି ମନ୍ତ୍ରାପ୍ତ୍ୟନ୍ତ ପର ଦୁଷ୍କର ତପସ୍ୟା ଦ୍ୱାରା ଭକ୍ତି ଲଭର ପ୍ରସ୍ତାବ ତାଙ୍କଠାରେ ଦେଖାଯାଇନାହିଁ ? ଆଜି ଆମ୍ଭମାନଙ୍କର ଠାକୁରଣୀ ତ ଜଗତ୍ମାତ୍ରଙ୍କ ଗୋଟିଏ ପଛୀ ଗୃହର ବୋହୂ । ସତର-ଅଠର ବର୍ଷ ବୟସରେ ସୂଚନା ବେଗୋୟାନ୍ତରେ ତାଙ୍କର ଦେହତ୍ୟାଗ ହୋଇଥିଲା । ତାଙ୍କୁ ସଦ୍‌ଗୁରୁ ନଗମାନନ୍ଦଙ୍କ ଗୁରୁଶକ୍ତି ଧ୍ରୁବବାଟ। କେତେ ଦୂର ଯୁକ୍ତିଯୁକ୍ତ ? ସାଧନସିଦ୍ଧ ନଗମାନନ୍ଦଙ୍କ ଗୁରୁପୀଠରେ ସେ ତନ୍ମା ସାଧନରେ ଅଧିଷ୍ଠିତା ହେବେ କିପରି ?

ଅବଶ୍ୟ "ଗୁରୁ" କହିଲେ ଯେଉଁମାନେ ମନ୍ତ୍ର ବ୍ୟବସାୟୀ ବୁଝନ୍ତି, ସେହିମାନେ 'ଗୁରୁପତ୍ନୀ'କୁ ଗୁରୁଶକ୍ତି କହିବାଟା ଏକ ଅଯୌକ୍ତିକ ନୁହେଁ .। ଗୁଣ-ଜ୍ଞାନ ଯେପରି ଥାଉନା କାହିଁକି, ମନ୍ତ୍ର-ଦାତାଙ୍କୁ ଯେତେବେଳେ ସାକ୍ଷାତ୍ ଜଗଦ୍‌ଗୁରୁଙ୍କ ପ୍ରତିନିଧି ଘୋଷି, ତେବେ ତାଙ୍କର ଧର୍ମପତ୍ନୀକୁ ଶ୍ରୀ ଗୁରୁଙ୍କ 'ବାମାଙ୍ଗସ୍ଥିତା ଶକ୍ତି' ଭାବିବାକୁ ହିଁ ହେବ ।

ଏହି ଯୁକ୍ତିକୁ ଅଗ୍ରାହ୍ୟ କରିପାରି ନ ପାରେ । କାରଣ ଗୁରୁବାଦର ଏହି ଦିଗଟି ମଧ୍ୟ ସନାତନ ଧର୍ମରେ ଅଛି । ଯୁଗାବତାର ଶ୍ରୀ ରାମକୃଷ୍ଣ ଗୋଟିଏ କ୍ଷେତ୍ରରେ ସ୍ୱୟଂ ଏହିପରି ଉପଦେଶ ଦେଇଛନ୍ତି । କେହି ଜଣେ ନବ କୁଳ ଗୁରୁଙ୍କର ଦୋଷଗୁଡ଼ିକ ପ୍ରକାଶ କରୁଥିଲା । ସେଥିରେ ବାଧାଦେଇ ସେ କହିଥିଲେ, 'ତୁମର ସେଥିରେ କଣ ଅଛି ? ତୁମେ ତାଙ୍କୁ ସାକ୍ଷାତ୍ ସଚ୍ଚିଦାନନ୍ଦ ଭାବରେ ଦେଖ।'

କନ୍ତୁ ଏହା ହେଲା ଶ୍ରୀ ଗୁରୁଙ୍କ ସମ୍ବନ୍ଧରେ ସାଧାରଣ ବା ସାମାନ୍ୟ ଦୃଷ୍ଟି । ବିଶେଷ ଦୃଷ୍ଟିକୁ ମଧ୍ୟ ଶ୍ରୀ ରାମକୃଷ୍ଣ କଥାମୃତରୁ ହିଁ ପ୍ରମାଣ ଦିଆଯାଇ ପାରେ । ଯଥା—

(୧) 'ଯେ କୌଣସି ଲୋକ ଗୁରୁ ହୋଇପାରେ ନାହିଁ ।... ଈଶ୍ୱର ହିଁ ଗୁରୁ ରୂପରେ ଅବତୀର୍ଣ୍ଣ ହୁଅନ୍ତି ।'

(୨) 'ପୁଣି ସଦ୍‌ଗୁରୁଙ୍କ ନକଟରୁ ହିଁ ଉପଦେଶ ନେବାକୁ ହେବ । ସଦ୍‌ଗୁରୁଙ୍କ କେତେଗୁଡ଼ଏ ଲକ୍ଷଣ ଅଛି । ଯିଏ କାଶୀ ଯାଇଛି ଏବଂ ଦେଖିଛି, ତାଙ୍କ ନକଟରୁ ହିଁ କାଶୀର କଥା ଶୁଣିବାକୁ ହେବ । ଖାଲି ପଣ୍ଡିତ ହେଲେ ହେବ ନାହିଁ ।'

(୩) 'ମନୁଷ୍ୟର ପୁଣି କଣ ସାଧ୍ୟ ଅଛି ଯେ ସେ ଅପରକୁ ସଂସାର ବନ୍ଧନରୁ ମୁକ୍ତ କରିଦେବ ? ଯିଏ ଈଶ୍ୱର ଲାଭ କରିନାହିଁ, ଜଗଦ୍‌ଗୁରୁଙ୍କର ଆଦେଶ ପାଇନାହିଁ, ତାଙ୍କ ଶକ୍ତିରେ ଯିଏ ଶକ୍ତିମାନ୍ ହୋଇନାହିଁ, ତାର ପୁଣି କଣ ସାଧ୍ୟ ଅଛି ଯେ ସେ ଜୀବର ଭବବନ୍ଧନ ମୋଚନ କରି ପାରିବ ?...ଯଦି ସଦ୍‌ଗୁରୁ ହୁଅନ୍ତି, ତେବେ ସେ ଜୀବର ଅହଂକାର ନଜେ ଡ଼ାକ ପୁଞ୍ଛାଇ ଦିଅନ୍ତି । ଗୁରୁ ଅଟରିପକ୍ୱ ଅର୍ଥାତ୍ ଅପୂର୍ଣ୍ଣ ହୋଇଥିଲେ ଗୁରୁଙ୍କର ଯନ୍ତ୍ରଣା ତ ସଙ୍ଗେ ସଙ୍ଗେ ଶିଷ୍ୟର ମଧ୍ୟ ଯନ୍ତ୍ରଣା ।'

ଉପରୋକ୍ତ ଉପଦେଶଟି ସାଙ୍ଗରେ ସେ 'ଚୁଚୁନ୍ଦ୍ରାକୁ ସାପ ଧରିବା ଭଳି' ଉପମା ଦେଇଛନ୍ତି । 'ଆଗ୍ରହ ତିନି ପ୍ରକାର' ଯଥା—ଉତ୍ତମ, ମଧ୍ୟମ ଓ ଅଧମ । ସାଧାରଣ ଲୋକଙ୍କ 'ଗୁରୁଗିରି ବେଶ୍ୟାଗିରି ତୁଲ୍ୟ' ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ କଥା କଣ ? ବଜପୃକୃଷ୍ଣ ଗୋସ୍ୱାମୀଙ୍କ ପରି ମହାପୁରୁଷଙ୍କୁ ମଧ୍ୟ ସେ ଆଗ୍ରହିଗିରି ସମ୍ପର୍କରେ ସାବଧାନ କରି ନଜର କଥା କହିଛନ୍ତି—'ଗୁରୁ, ବାବା, କଣ୍ଠା ଏହି ତିନୋଟିଯାକ ପଦବୀ ଶୁଣିବା ମାତ୍ରକେ ମୋ ଦେହରେ କଣ୍ଟା ଫୋଡ଼ୁଛଏ ।' ଅବତାର ପୁରୁଷ ହୋଇ ମଧ୍ୟ ସେ ଗୁରୁଗିରିକୁ

ଉପ୍ କରନ୍ତୁ ଯେପରି ! ଏହି କଥାଟି ସଦ୍‌ଗୁରୁଙ୍କର ଗୁରୁତ୍ୱ ଯେ କେଉଁ 'ବ୍ରହ୍ମଦାପ୍' ତଳା ବୁଝାଇବା ପାଇଁ କହିଥିଲେ ।

ପରବର୍ତ୍ତି କାଳରେ ବଳଦେବ ଗୋସ୍ୱାମୀ ମଧ୍ୟ ନିଜେ କହିଛନ୍ତି—'ସିଦ୍ଧ ବା ମହାପୁରୁଷ ହେଲେ ମଧ୍ୟ ସେମାନେ ସଦ୍‌ଗୁରୁ ହୋଇପାରିବେ ନାହିଁ । ସିଦ୍ଧ ବା ମହାପୁରୁଷ ଜୀବକୋଟି—ଭଗବାନଙ୍କର ଆବେଶ । ସେମାନଙ୍କର ଦେହ ଓ ଦେହୀ ଭିନ୍ନ । କିନ୍ତୁ ସଦ୍‌ଗୁରୁ ବ୍ରହ୍ମକୋଟୀ—ସେମାନଙ୍କର ଦେହ ଦେହୀ ଅଭିନ୍ନ ।' ପୁଣି ସଦ୍‌ଗୁରୁ ଓ ଅବତାର ଯେ ଏକ ନୁହଁନ୍ତି, ଏହା ମଧ୍ୟ ଗୋସ୍ୱାମୀ ମହାରାଜ କହିଛନ୍ତି ।

ଆମ୍ଭମାନଙ୍କ ଠାକୁର ନିଜକୁ କେବେ ବୁଦ୍ଧ ଅବତାର ବୋଲି କହିନାହାନ୍ତି । ସେ ସଦା ସର୍ବଦା ନିଜକୁ 'ସଦ୍‌ଗୁରୁ' ବୋଲି ଚିହ୍ନିତ କରିଛନ୍ତି । ସାଧାରଣ ଗୁରୁ ଓ ସଦ୍‌ଗୁରୁ ମଧ୍ୟରେ ଯେଉଁସବୁ ପାର୍ଥକ୍ୟ ଅଛି ତାହା ମଧ୍ୟ ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି । ଠାକୁର ତାଙ୍କର କେତୋଟି ଆମୋଦ ଉପଦେଶରେ ତାହା ପ୍ରକାଶ କରିଦେଇଛନ୍ତି—"ନିର୍ବିକଳ୍ପ ଜ୍ଞାନ ଯାହାର ଲାଭ ହୋଇଛି ସେ ହିଁ ସଦ୍‌ଗୁରୁ । ଅନେକ ସିଦ୍ଧ ମହାପୁରୁଷ ଅଛନ୍ତି ତେବେ ସମସ୍ତେ କଣ ସଦ୍‌ଗୁରୁ ? ଜଗଦ୍‌ଗୁରୁ ଯେଉଁ ଶୁଦ୍ଧ ଆଧାରରେ ତାଙ୍କର ଇଚ୍ଛାକୁ ପ୍ରକାଶ କରନ୍ତି, ସେ ହିଁ ସଦ୍‌ଗୁରୁ । ପୁଣି ଜନ୍ମ ଜନ୍ମାନ୍ତର ଧରି ସାଧନ ଭଜନ କରି ଯିଏ ଜୀବନ୍ମୁକ୍ତ ହୋଇଛନ୍ତି ତାଙ୍କର ଆଧାର ହିଁ ଶୁଦ୍ଧ ।"

"ମୁଁ ସାଧାରଣ ମନୁଷ୍ୟ, ଜନ୍ମ-ଜନ୍ମାନ୍ତରର ସାଧନା ବଳରେ ଏହି ଜନ୍ମରେ ଭଗବାନଙ୍କୁ ଜାଣିଛି, ସଚ୍ଚିଲାଭ କରିଛି ଓ ବ୍ରହ୍ମଜ୍ଞାନ ଲାଭ କରିଛି । ବ୍ୟକ୍ତିତ୍ୱ ଧ୍ୱଂସ ହେବା ପରେ ମୋ ଭିତରେ ଦେଇ

ଜଗଦ୍‌ଗୁରୁଙ୍କ ଇଚ୍ଛା ହିଁ ଲୀଳାୟିତ ହୋଇ ଉଠିଛି । ମୋତେ ତୁମ୍ଭେମାନେ 'ସଦ୍‌ଗୁରୁ' ବୋଲ କାଣିରଖ" ।

ଯାହାଙ୍କ ନବନ୍ଧର ଭୂମିକା ରୂପରେ ମୋଇ ଏହି 'ଶ୍ରଦ୍ଧାଞ୍ଜଳି'ଟି ସେ ମଧ୍ୟ ଠାକୁରଙ୍କୁ ସ୍ୱ ଚକ୍ଷୁରେ ଦେଖି ଲେଖିଛନ୍ତି—'ପାପୀଙ୍କ ନମିତ୍ତ ଧୂର୍ଜ୍ଜଟିଙ୍କ ଏହା ହେଲ ଯୁଗେ ଯୁଗେ ସାଧନା ।' ଠାକୁର ପରମପୁରୁଷ ଆଉ ଠାକୁରାଣୀ ସୁଧାଂଶୁବାଳା ପରମାପ୍ରକୃତି । ତାଙ୍କର ଏହି ଧାରଣା କେବଳ ଭକ୍ତର ବାଗ୍‌-ବିକୃମ୍ଭନ ନୁହେଁ, ସତ୍ୟତଃ ସତ୍ୟ । ତେଣୁ ସେହି କାରଣରୁ ହିଁ ତାଙ୍କ ସାଧନ ଭଜନରେ ମାଁ ଠାକୁରାଣୀ ଶ୍ରୀ ନଗମାନନ୍ଦଙ୍କ ଗୁରୁଶକ୍ତି ଭୂମିକାରେ ଉତ୍ତୀର୍ଣ୍ଣ ହୋଇ-ପାରିଥିଲେ ।

ଏହି ପ୍ରସଙ୍ଗରେ ଢ଼ାକା ମାଣିକଗଞ୍ଜର 'ଅନ୍ଧ କାଳୀ'ଙ୍କ କାହାଣୀ ମନେ ପଡ଼ିଯାଏ । ଫସାର ଷ୍ଟେଜରେ ସେ ମଧ୍ୟ ଅନ୍ୟ ପାଞ୍ଚ ଜଣ ନ୍ଦିନ୍ଦୁ ରମଣୀଙ୍କ ପରି ଘରର ବୋହୂ, ଗୋଟିଏ ଭଦ୍ରାନ୍ତଃପୁର ବଂଶର କୁଳବଧୂ । କନ୍ତୁ କୌଣସି ଏକ ସଙ୍କଟ ମୁହୂର୍ତ୍ତରେ ସ୍ୱୀୟ ମର୍ଯ୍ୟଦା ରକ୍ଷା ନମିତ୍ତ ପ୍ରଯୋଜନ ପଡ଼ିବାରୁ ତାଙ୍କ ଭିତରେ ଫୁଟି ଉଠିଥିଲା ଅମାନବୀ ଦୈବୀସତ୍ତା । ତାଙ୍କର ଶ୍ୱଶୁର ଘରର ସମସ୍ତେ ସ୍ତମ୍ଭିତ ଓ ବିସ୍ମୟ ହୋଇ ତାଙ୍କୁ ଚତୁର୍ଭୁଜା କାଳିକା ରୂପରେ ଦର୍ଶନ କରିଥିଲେ । ସେହି କାଳରେ ବଙ୍ଗଳାର ପ୍ରତ୍ୟେକ ଘରେ ଏହି ଘଟଣାଟି ସମସ୍ତେ ଜାଣିଛନ୍ତି । ଠିକ ସେହିପରି ଏକ ଭିନ୍ନାବସ୍ଥା ଅଗ୍ନିକାଣ୍ଡ ସମୟରେ ଠାକୁରାଣୀଙ୍କ ସ୍ୱଚ୍ଛ-ଚର୍ପଣ ପ୍ରତିଭା ଶ୍ରଦ୍ଧେୟ ଲେଖକ ତାଙ୍କୁ ଯେପରି ସାକ୍ଷାତ୍ ଚତୁର୍ଭୁଜା ଅଭୟା ରୂପରେ ଅନୁଭବ କରିଥିଲେ । ଠାକୁରାଣୀଙ୍କର ଯେ ଗୋଟିଏ ଦିବ୍ୟ ମହିମା ଥିଲା ଅନ୍ୟମାନେ ମଧ୍ୟ ତାହା ଅନୁଭବ କରୁଥିଲେ । ପରେ ସେହି

ବିଷୟ ନେଇ ଆଲୋଚନା କରିଯିବ । କନ୍ତୁ ଉପରେକ୍ତ ବିଷୟଗୁଡ଼ି
ପୂରି ନାଣ୍ଟିବାକୁ ଇଚ୍ଛାହୁଏ ଏହା କିପରି ସମ୍ଭବ ? ସାଧାରଣ
ବୃହସ୍ତ ସ୍ତୀର ଏହି ଦେଖିଛି—ଫସାର କନ୍ତୁ କନ୍ତୁ ଚରିତ୍ର ବିପ୍ଳବ
ଯାର ଦେହାନ୍ତ ଘଟିଲା, ଦେହ ଛାଡ଼ିବା ମାତ୍ରକେ ସେ ମହାଶୂନ୍ୟ
ବ୍ରହ୍ମରେ ଲୟ ହୋଇଯିବାର ଚରମ ପରିଣାମ—ଏହା କଣ
କେଉଁ ସାଧନାର ଫଳ ? କନ୍ତୁ-କମ୍ଭାନ୍ତର ସାଧନପିଛ ନଚିକେତା
ପରି ଚନ୍ତ ଓ ଯୋଗ ପଥରେ ଜ୍ଞାନ ଓ ଭକ୍ତିର ତପସ୍ୟା କରି
ପରଚେତ ହୋଇଥିଲେ 'ସଚ୍ଚିଦାନନ୍ଦ' ଭବରେ । କନ୍ତୁ
କେଉଁ ତପସ୍ୟା ଫଳରେ ଠାକୁରଣୀ ଏହିପରି ସିଦ୍ଧା ଯୋଗିନୀ
ହୋଇପାରିଲେ ?

କନ୍ତୁ ପ୍ରଶ୍ନ ମୂଳରେ ଆଧୁନିକ ଯୁଗର ଅନଭିଜ୍ଞତା । ସମାଜର
ଧର୍ମ ସହିତ ଆମ୍ଭମାନଙ୍କ ପ୍ରାଣର ଯୋଗ କଟିଯାଇଛି ବୋଲ ହିଁ
ମନୁସ୍ମୃତିର ବିଧାନ ବିସ୍ମୃତ ହୋଇଯାଇଛି ।

'ବୈବାହିକୋ ବିଧିଃ ସ୍ତ୍ରୀଣାଂ ସଂସ୍କାରୋ ବୈଦିକଃ ସ୍ମୃତଃ ।
ପତିସେବା ଗୁରୌବାସୋ ଗୃହାର୍ଥୋଽଗ୍ନିପରିକ୍ରିୟା ॥
(ମନୁ ସ୍ମୃତି)

ବରାଦ ହିଁ ନାସ୍ତ୍ରୀମାନଙ୍କର ବୈଦିକ ସଂସ୍କାର ଅର୍ଥାତ୍ ବିବାହ
ମନ୍ତ୍ର ବା ଉପନୟନ ନାମକ ସାବତ୍ରୀ ଦୀକ୍ଷା । ଏବଂ ସ୍ୱାମୀ ସେବା ହିଁ
ସ୍ତ୍ରୀର ଗୁରୁବାସ ଅର୍ଥାତ୍ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ସହିତ ସମାନ ।
କାରଣ କେବଳ ନୈଷ୍ଠିକ ବ୍ରହ୍ମଚର୍ଯ୍ୟ, ଯେଉଁମାନେ ଏ ସାମାଜିକ
ମର୍ଯ୍ୟଦାରେ ଯତ ବା ବୈଦିକ ସନ୍ନ୍ୟାସୀ ସେମାନେ ହିଁ ଆଜୀବନ
ଗୁରୁ ଗୃହରେ ବାସ କରନ୍ତି । ସେହିପରି ଗୃହକର୍ମ ହିଁ ନାସ୍ତ୍ରୀର ଅଗ୍ନି
ଯଜ୍ଞ ଓ ଅଗ୍ନି ସେବା ବା ଯଜ୍ଞକର୍ମ । ଅର୍ଥାତ୍ ବିବାହିତା ନାସ୍ତ୍ରୀ

କେବଳ ସ୍ୱାମୀ ଓ ଶ୍ୱଶୁର କୁଳର ଏକାନ୍ତ ସେବା କରି ଚତୁରାଶ୍ରମ ପାଳନାନ୍ତେ ମହାଫଳ ଲାଭ କରି ପାରିବେ । ଏହି ଗୋଟିଏ ପଥ ଛଡା ଅନ୍ୟ କୌଣସି ସାଧନା ନାରୀମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଶାସ୍ତ୍ର କମ୍ବା ସାଧୁ ମୁଖରୁ ଶୁଣାଯାଇ ନାହିଁ । କହିବା ବାହୁଲ୍ୟ, ଏହି ଦେଶରେ ସନ୍ଥଧର୍ମ ଓ ପଞ୍ଚବ୍ରତାର ଯେଉଁ କେତେକ ଜ୍ୱଳନ୍ତ ଆଦର୍ଶ ପୁରାଣ ଇତିହାସରେ ବର୍ଣ୍ଣିତ ହୋଇଅଛି, ସେହି ସବୁ ଆଲୋଡନ କଲେ ଜଣାଯାଏ ଯେ କୌଣସି ଅଂଶରେ ମଧ୍ୟ ନାରୀଧର୍ମ ପୁରୁଷଙ୍କ ଧର୍ମାଚରଣ ଠାରୁ ସହଜ ସରଳ ନୁହେଁ । ସେମାନଙ୍କର ଜୀବନ ତ୍ୟାଗ, ତପସ୍ୟା, କ୍ଷମା-ଦୟା-ସ୍ନେହ ଓ ଧର୍ମନିଷ୍ଠା ଦ୍ୱାରା ପରିପୂର୍ଣ୍ଣ । ଅତି ଅଳ୍ପ ବୟସରୁ ଆପଣା ଲୋକମାନଙ୍କୁ ଛାଡି ଅନ୍ୟର ସଂସାରରେ ସେମାନଙ୍କ ମନୋମତ ସେବା କରି ଜୀବନଟିକୁ ଅତିବାହିତ କରନ୍ତି । ଛାଡା ସବୁ ଆମ୍ଭେମାନେ ଭୁଲିଯାଇଛେ ବୋଲି ହିଁ ଭାବୁଅଛେ ଯେ ରମଣୀମାନେ କ'ଣ ସାଧନ ଭଜନ କରନ୍ତି ? କେବଳ ସଂସାର କରନ୍ତି । କନ୍ତୁ ଧର୍ମକୁ ଆଗରେ ରଖି ସାଂସାରିକ କର୍ତ୍ତବ୍ୟ ପ୍ରତିପାଳନ କରିବା ସହଜ କଥା ନୁହେଁ । ଏଣୁ ସମସ୍ତ ସ୍ତ୍ରୀ ଛାଡା କରିପାରନ୍ତି ନାହିଁ । ଯେଉଁମାନେ ପାଳନ କରିବାକୁ ସମର୍ଥ ହୁଅନ୍ତି ସେହିମାନେ ହିଁ ଏହି ଦେଶର ପ୍ରାତଃ ସ୍ମରଣୀୟା ଓ ଆଦର୍ଶ ସ୍ଥାନୀୟା ହୋଇଯାଇଛନ୍ତି । ଏହି ଯୁଗରେ ବର୍ତ୍ତମାନ ଲକ୍ଷ୍ମୀଦେବୀ, ଅର୍ଦ୍ଧକାଳୀ ମାଁ, ଆମ୍ଭମାନଙ୍କ ମାଁ ଠାକୁରାଣୀ, ସାରଦେଶ୍ୱରୀ ଆଦି ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ । ଉତ୍କଳରୁ ଲକ୍ଷ୍ମୀ ଦେବୀ ଓ ସାରଦା ମାଁ ଅବତାର ପୁରୁଷଙ୍କ ବାଛିତା ହୋଇଥିବା ଯୋଗୁଁ ଆଲୋକ ସାମନ୍ୟା ବୋଲି ଭାବିବା ଅନୁଚିତ । କନ୍ତୁ ଅନ୍ୟମାନେ ମାନବୀ ହୋଇ ମଧ୍ୟ ନିପୁଣ ସଂସାରଧର୍ମ ପାଳନରେ ହିଁ ଦେବୀତ୍ୱ ଅର୍ଜନ କରିଥିଲେ । ଜ୍ୟେଷ୍ଠ ଭ୍ରାତୃବଧୂଙ୍କ ଚରିତ୍ର-

ସ୍ଥାନରେ ଶ୍ରୀମତ୍ ସ୍ୱାମୀଜୀଙ୍କ ମାଁଙ୍କର ସେହି ଜନ୍ମାଷ୍ଟମୀ ଉତ୍ସବଟିର ଓ ଉକ୍ତ-ପ୍ରେମର କଥା ହିଁ ପ୍ରକାଶ କରିଛନ୍ତି । ବୃନ୍ଦାବନ ପାଖସ୍ଥ ଘଟଣ ଚୈତନ୍ୟ ସ୍ୱଗଚ୍ଛରେ ଗୌରଙ୍ଗ ଦେବଙ୍କ ଅର୍ଦ୍ଧୀ ଜନ୍ମ ଠାକୁରଣୀଙ୍କ ଅଦ୍ଭୁତ ଦେବ ଆଜ୍ଞ ମଧ୍ୟ ନାସ୍ତ ସମାନରେ ପ୍ରତ୍ୟକ୍ଷ ଅନୁକରଣୀୟ । ସେହିପରି ଅନ୍ନମାନଙ୍କ ମାଁ ଠାକୁରଣୀଙ୍କ ଦିବ୍ୟ ମଧ୍ୟ ସଙ୍ଗ ଚଣ୍ଡିତାବଳୀ ମଧ୍ୟରେ ଅନ୍ତର୍ଗତ । ଅନନ୍ତ ଜମିଦାର, ଦ୍ୱେଷ, ଦ୍ରୋହ, ସେବା ଜୋପୁଟ୍ଟୋଭା, ଜନ୍ମିଛନ ଅନୁଭାଗ ଓ ସଙ୍ଗେ ସଙ୍ଗେ ଉଠୁଥା ଠାକିଟ୍ଟାଦି ସମସ୍ତ ବେଦ ସାଧାରଣ ମାନବ ନିକଟରେ ସମ୍ଭବ ନୁହେଁ, ଏହା ଜଣ୍ଡୁପ୍ ଖ୍ରିକ-ସୀମାକ୍ରାନ୍ତ ଜନ-ସଙ୍ଗଙ୍କର ହିଁ ଆଲେଖ୍ୟ । ଯେଉଁ ନରନାରାୟଣ ଦ୍ୱନ୍ଦ୍ୱ-ଜନ୍ମାକ୍ରାନ୍ତରେ ସାଧନ ଜୋତିଂରେ ଜିବନ୍ତ ଅର୍ଚ୍ଚନ କରି ଥାଆନ୍ତି, ସେମେ ଦୁଧାଂଶୁବାଳା ମଧ୍ୟ ବହୁ ଜନ୍ମ ସାର୍ଥକ ନାସ୍ତଧର୍ମରେ ଅନୁଷ୍ଠିତ କରି ଏହି ଜନ୍ମରେ ସାଧ୍ୱୀ ଶିରୋମଣି ଶଙ୍କର ମେହିପଙ୍କ ବୈଭବ ନେଇ ହିଁ ଆସିଥିଲେ । ଶ୍ରୀ ଶ୍ରୀ ଠାକୁର ସଙ୍ଗବା ତାଙ୍କର ଅନୁଗାମୀ ମାନଙ୍କୁ ଅହଂଭାବର ପ୍ରସାର ନିମିତ୍ତ ଉପଦେଶ ଦେଇଛନ୍ତି । ଜଗତ ବା ବେଦବାଣୀର ମୂଳଭୂତ ହେଲ କ୍ୟାତ୍ରିବୋଧ । ବିଶ୍ୱବ୍ରହ୍ମାଣ୍ଡ ସହିତ ନଜକୁ ଏକାତ୍ମବୋଧ କରି ବିଶ୍ୱାତ୍ମାରେ ଅନ୍ତର୍ଧାନ ହିଁ କ୍ୟାତ୍ରିବୋଧ ସାଧାରଣଙ୍କ 'ମୁଁ ଭାବ' ବା ଅହଂଭାବ ନଜ ଦେହ, ସ୍ତ୍ରୀ ଓ ପୁତ୍ରାଦିରେ ହିଁ ବଦ୍ଧ ହୋଇଛି । ଠାକୁର ଅଭିଯୋଗ କରୁଛନ୍ତି ତୁମମାନଙ୍କ 'ମୁଁ ଭାବ' ବା ଅହଂଭାବ ବିଶ୍ୱବ୍ରହ୍ମାଣ୍ଡକୁ ନଥାଇ ଦେଇ । ଘନଙ୍ଗ ନଜେ ଦେଖିଛନ୍ତି ଅନ୍ତ ଅନ୍ତ ବସ୍ତୁରେ ତାଙ୍କର ନୂଆଁ କୋହୁ ନଜେ ନ ଖାଇ ପନଦାଣ୍ଡକୁ ଖାଇବାକୁ ଦେଇ ଆନନ୍ଦ ପାଇଥିଲେ । ଦୁଇଟି ଛୋଟୁଙ୍କ ଗାଡ଼ ଝାଡିବାରେ କଷ୍ଟ ହେଉଥିବା ଦେଖି ତାଙ୍କର ପ୍ରାଣ ଚଞ୍ଚଳି ହୋଇ ଚକ୍ଷୁରୁ ଜଳ ଅହିଁ ଥାଇଥିଲା ।

ଏଥିରୁ ଜଣାଯାଏ ମାଁ ଠାକୁରଣୀଙ୍କ ପ୍ରାଣ ସ୍ୱଧର୍ମ ପାଳନ ଦ୍ୱାରା ମହାପ୍ରାଣରେ ପରିଣତ ହୋଇପାଇଥିଲା । ଅନ୍ୟାନ୍ୟ ସାଧନ ଭଜନ ନ କରି ମଧ୍ୟ ବେଦାନ୍ତର ବ୍ୟାପ୍ତିବୋଧ ଏହି କଲ୍ୟାଣୀ ଦେହିର ପ୍ରାଣରେ ସଞ୍ଚାରିତ ହୋଇଥିଲା । ତୁମକୁ ପ୍ରଣାମ ମାଁ—ଆତ୍ମମାନଙ୍କ । ତେଣୁ ନା ତୁମେ ଅନାୟାସରେ ସାଧନସିଦ୍ଧ ସଦ୍‌ଗୁରୁଙ୍କ ପ୍ରଜ୍ଞା-ନେତ୍ରରେ ବଧୂଜନ ପ୍ରତ୍ତପାଦ୍ୟ ଜୀବନପଥୀ ଚଗ୍ରହରେ ପ୍ରୁଚିତ ହୋଇଅଛ ! ନଜ ଶକ୍ତିରେ ହିଁ ଠାକୁରଙ୍କ-ବାମାଙ୍ଗ ପୀଠ ନଚ୍ଚକାଳ ତୁମଦ୍ୱାର ଅଧିକୃତ ହୋଇ ପାରିଛି ।

ଶ୍ରୀମତ୍ ରମାନନ୍ଦଜୀ ମାଁ ଠାକୁରଣୀଙ୍କ ସମ୍ବନ୍ଧରେ ଯେତେଦୂର ଜାଣିଥିଲେ ତହିଁରୁ ଅନେକ କଥା ତାଙ୍କ ହୃଦପ୍ରାଗଧ୍ୟ ଠାକୁର ତଥା ଅଗ୍ରଜଙ୍କ ନଷେଧ ବାଣୀ ସ୍ମରଣ କରି ପ୍ରକାଶ କରି ନାହାନ୍ତି । ଖଣ୍ଡେ ପତ୍ରଦ୍ୱାର ମୋତେ ସେ ଜଣାଇଥିଲେ ଯେ—"ସମସ୍ତ ବଷପ୍ର ପ୍ରକାଶ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ।" ଠାକୁର ତାଙ୍କ ନଜ ବଷପ୍ରରେ ମଧ୍ୟ କେତେଦୂର କହିଛନ୍ତି ? ଠାକୁରଙ୍କ ପ୍ରଥମ ଜୀବନୀ ପ୍ରତେତା ପଙ୍କେଶ୍ୱର ବଶ୍ୱାସ ଦୁଃଖର ସହିତ କହିଛନ୍ତି ଯେ ସେ ଯାହାକିଛି ଜାଣିଛନ୍ତି, ସେଥିରୁ ଅନେକ କଥା ଠାକୁରଙ୍କ ନଷେଧ ଥିବାରୁ ଲେଖାଗଲା ନାହିଁ । ଶ୍ରୀ ଶ୍ରୀ ନଗମାନନ୍ଦ-ସ୍ତବର ଲେଖକ ସେହି ସମପ୍ରରେ ପୂର୍ଣ୍ଣାଙ୍ଗ ଜୀବନ କଥା ପ୍ରକାଶ ପାଇଁ ଠାକୁର ଆଗ୍ରହୀ ଥିବା ଜାଣି ତାଙ୍କ ନଜ ଲେଖା ପାଣ୍ଡୁଲିପିଟି ଠାକୁରଙ୍କୁ ଦେଖିବାକୁ ଦେଇଥିଲେ । କନ୍ତୁ ଦୁଃଖର କଥା ଜୀବଦ୍ଦଶାପ୍ର ଠାକୁର ପାଣ୍ଡୁଲିପିଟି ପୁନରପି ଫେରସ୍ତ ଦେଇ ନଥିଲେ । ଠାକୁର ପରବର୍ତ୍ତୀ କାଳରେ ଅନ୍ତେବାସୀମାନଙ୍କୁ ନଜ ଜୀବନ ସମ୍ବନ୍ଧରେ ଯାହା କିଛି ବ୍ୟକ୍ତ କରିଥିଲେ ତାହାଠାରୁ ବେଶୀ କିଛି ପୂର୍ବବର୍ତ୍ତୀ ଶିଷ୍ୟମାନଙ୍କ

ନକଟରେ ପ୍ରକାଶିତ ହୋଇଥିଲା । ଯାହା କ ଯୋଗାନନ୍ଦ ମହାରାଜ ଓ ଯୋଗେଶ୍ୱର ଗାଙ୍ଗୁଲଙ୍କ ଲିଖିତ 'ଠାକୁର-ପ୍ରସଙ୍ଗ' ପଢିଲେ ତାହା ସ୍ପଷ୍ଟ ଅନୁମେୟ ହୁଏ । କାର୍ଯ୍ୟତଃ ଠାକୁରଙ୍କ ଜୀବନ କଥା ପ୍ରଚାର କରିବାକୁ ହେଲେ ପାରସ୍ପରିକ ତୁଳନା ଦ୍ୱାରା ସମସ୍ତ ଲେଖକଙ୍କ ଲେଖାରୁ ଉପାଦାନ ସଂଗ୍ରହ କରିବା ଛଡ଼ା ଅନ୍ୟ ରାସ୍ତା ନାହିଁ । ମାଁ-ଠାକୁରଣୀଙ୍କ ସମ୍ପର୍କରେ ମଧ୍ୟ ସେହି ଏକ କଥା । ଯେମାନଙ୍କ ଯାହା କହିଛନ୍ତି, ତାପରେ ମୁଁ ଯାହା ଜାଣେ ତାହା ଏହି ପ୍ରସଙ୍ଗରେ ବ୍ୟକ୍ତ କରିବା ଠିକ୍ ହେବ । ଦୁଇଟି ସମ୍ମିଶ୍ରଣରେ ଯାହା ଉଭା ଜଣାଯିବ ତାହା ହିଁ ମାଁଙ୍କ ସମ୍ବନ୍ଧରେ ଅମର ଲଭ୍ୟ ।

ଡାଲ ସହର ନବାସୀ ଗୁରୁଭ୍ରାତା ଶ୍ରୀ ନାରାୟଣଦାସ ନନ୍ଦୀଙ୍କ ନକଟରୁ ଶୁଣିଥିଲ ଯେ ତାଙ୍କ ପ୍ରଶ୍ନରେ ଠାକୁର କହିଥିଲେ—'ଡାଲ ସହରର ଖୁବ୍ ସମ୍ଭ୍ରାନ୍ତ ଘରେ ହିଁ ମୋର ଜବାଦ ହୋଇଥିଲ' । ୧୩୨୦ ସାଲରେ ଜନ୍ମଭୂମି ଦର୍ଶନ କରିଯିବା ସମୟରେ ମଧ୍ୟ ଠାକୁର ଏହି କଥା ଯୋଗାନନ୍ଦ ମହାରାଜଙ୍କୁ ବ୍ୟକ୍ତ କରିଥିଲେ । ଫଳରେ ନାରାୟଣ ଭାଇ ସନ୍ଧାନ ନେଇ ଜାଣିପାରିଲେ ଯେ ୧୩୨୯ ସାଲରେ ଠାକୁର ଯେଉଁ ସ୍ପେଶାଲ ଟ୍ରେନ୍ ଯୋଗେ ଭ୍ରମଣ କରିଥିଲେ ସେହି ଟ୍ରେନ୍‌ରେ ଠାକୁରଙ୍କ ସାଙ୍ଗରେ ଡାଲ ସହର ନବାସୀ ମୁଖୋପାଧ୍ୟାୟ ବଂଶର ଜଣେ ଭଦ୍ରଲୋକଙ୍କ ପରିଚୟ ହୋଇଥିଲା । ଠାକୁର ତାଙ୍କୁ କହିଥିଲେ—'ଏହି ବଂଶରେ ହିଁ' ମୋର ଜବାଦ ହୋଇଥିଲ । ସମ୍ଭ୍ରାନ୍ତ ମୁଖୋପାଧ୍ୟାୟ ବଂଶ ପ୍ରକୃତରେ ବଙ୍ଗଳାର କୁଳୀନ ବ୍ରାହ୍ମଣ ସମାଜ ମଧ୍ୟରେ ଅଗ୍ରଣୀ । ଏହି ବଂଶଟି ଚୈତନ୍ୟଙ୍କ ପାର୍ଷଦ ଶ୍ରୀନିବାସ ଠାକୁରଙ୍କର ଦୌହିତ୍ର ବଂଶ । ଛେଣ୍ଟୁ ମାଁ ଠାକୁରଣୀ ଏଭଳ ସମ୍ଭ୍ରାନ୍ତବଂଶୀୟ କନ୍ୟା ଥିଲେ ।

'ମାଙ୍କର ଶ୍ରମୁଣ୍ଡି ଅସାମାନ୍ୟ ରୂପ-ଲାବଣ୍ୟ ସମ୍ପନ୍ନା ଥିଲା । ଶ୍ରମତ୍ ରମାନନ୍ଦଜୀ ଏହି ବିଷୟରେ ପ୍ରତ୍ୟକ୍ଷଦର୍ଶୀର ବିବରଣୀ ଦେଇଛନ୍ତି । ଶ୍ୱଶୁର ଭୁବନ ମୋହନ କହୁଥାନ୍ତି ଯେ, 'ମାଁ ଆମର ଆଉ କେହି ନୁହେଁ, ସେ ସାକ୍ଷାତ୍ ଜଗଦମ୍ବା । 'ମାଁ'ଙ୍କୁ ଅନେକ ପୂଜା କରିଛି ତ ତେଣୁ ମୋ ଘରକୁ ସେ ଆସିଛନ୍ତି ।' ଏହି ବିଷୟରେ ସବୁଠାରୁ ଉଲ୍ଲେଖଯୋଗ୍ୟ ହେଉଛି ସ୍ୱୟଂ ନଳମାକାନ୍ତଙ୍କ ବହୁଚର୍ଚ୍ଚିତ ସୁଧାଂଶୁବାଳା-ଉପନ୍ୟାସରେ ।

'ଯିଏ ଏହି ପ୍ରତିମାଟିକୁ ଥରେ ଅବଲୋକନ କରିଛି ସେ ଆଉ ଭୁଲି ପାରିବ ନାହିଁ । ଯେଉଁ ବ୍ୟକ୍ତି ଯେଉଁ ଅବସ୍ଥାରେ ଏହି ମୂର୍ତ୍ତିଟିକୁ ଦେଖିଛନ୍ତି ସେ ଠିକ୍ ସେହି ଭାବରେ ଚିରାର୍ପିତ ପରି ନିମେଷଶୂନ୍ୟ ହୋଇ ସେହି ମୁଣ୍ଡି ଉପରେ ହିଁ ଦୃଷ୍ଟିକୁ ରଖିଛି । ଦୃଷ୍ଟି ଫେରାଇ ନେବାକୁ ଦେବ ଭାବ ତାର ପ୍ରାଣ କାନ୍ଦିଉଠେ ସତ୍ତ୍ୱେ। ଦେଖିଲେ ବୋଧହୁଏ ଯେପରିକ ପଙ୍କତ ଦୁହିତା କୈଳାସ ଗୃହ ଏହି ଘରେ ଆସି ରହିଛନ୍ତି ।'

(ବାଂଲାର ସାଧନାପୃ ନଗମାନନ୍ଦ— ସୁଧାଂଶୁବାଳା ପରିଚ୍ଛେଦ)

ଜନେ ପୁଣ୍ଡରେ ଗୋଲାପ ଫୁଲ ଦେଖି ଠାକୁର କହିଥିଲେ 'ଗଣୀଙ୍କ ହାତ ପାପୁଲ ଗୁଣ୍ଡକର ରଙ୍ଗ ଏପରି ଥିଲା ।' ଠାକୁରଙ୍କ ମାଉସୀମାନେ କହୁଥିଲେ ଏ ଜୀବନରେ ସୁନ୍ଦର ରମଣୀ କିଛି କମ୍ ଦେଖିନାହୁଁ କନ୍ତୁ ତାର (ଠାକୁରଣୀ) ପରି ସୌନ୍ଦର୍ଯ୍ୟ କୌଣସି ରମଣୀଠାରେ ମଧ୍ୟ ଆଜି ପର୍ଯ୍ୟନ୍ତ ଫୁଟିବା ଦେଖି ପାରିଲୁ ନାହିଁ । ଏଥିରୁ ସହଜରେ ଅନୁମେୟ ରସ-ଶାସ୍ତ୍ରରେ ଯାହାକୁ ଉଦ୍ଦୀପନ ବିଭବ ବୋଲି କୁହାଯାଏ, ତାହା ହିଁ ମାଁ ଠାକୁରଣୀଙ୍କ ସୌନ୍ଦର୍ଯ୍ୟର ସାର ଥିଲା । ଭାବର ତାରତମ୍ୟରେ ହିଁ ସୌନ୍ଦର୍ଯ୍ୟର

ଚାରଚନ୍ୟ ଘଟେ । ଠାକୁରଣୀଙ୍କ ମଉଜ ଜଗନ୍ନ ଥିଲା ସିଦ୍ଧ ଘର ଚନ୍ଦୁ । ମହାଦେଗଙ୍କ ଘର କାନ୍ତ ପ୍ରତ୍ତବର୍ମ୍ଭିତ ହୋଇଥିଲା ଏହି ଆଧାରରେ, ଚେଣୁ ହିଁ ଚାଙ୍କର ମର ଦେହ ଭସ୍ମୀଭୂତ ହେଲେ ମଧ୍ୟ ବସ୍ତୁତଃ ଚାହା ଅପ୍ରାକୃତ ଧାମର ସଚ୍ଚିଦନ୍ଦରେ ପରିଣତ ହୋଇପାରିଛି । ଚାର ପୀଠରେ ମହାବଦ୍ୟା ଚାର ଦେଗ ଚେଣୁ ହିଁ ସୁଧାଂଶୁବାଳାଙ୍କ ରୂପ ଧାରଣ କର ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ ଦେଇ କହିଥିଲେ--'ବର୍ତ୍ତମାନ ମୁଁ ଭୁମର ମନୋମଧ୍ୟୀ ମୂର୍ତ୍ତିରେ ଆସିଅଛି ।' ଘର ସଦ୍‌ଗୁରୁଙ୍କ ଚଉ ଅବଶ୍ୟରେ 'ଶୁଦ୍ଧଚଉ' ସେଥିରେ କୌଣସି ସନ୍ଦେହ ନାହିଁ । କାରଣ 'ଅହଂବ୍ରହ୍ମାସ୍ମି' ବୋଧରେ ପ୍ରତ୍ତଷ୍ଠିତ ହୋଇଥିବା ଯେଉଁ ଚଉ ଚାହା ପ୍ରାକୃତ ଜୀବର ମଳନ ଚଉ ହୋଇ ପାରେନା । ସୁତରାଂ ଯେଉଁ ଶ୍ରୀମୂର୍ତ୍ତି ଠାକୁରଙ୍କର 'ମନୋମଧ୍ୟୀ' ଚାହାର ରୂପୈଶ୍ବର୍ଯ୍ୟ ଆଳେକ ସାମାନ୍ୟ । ଚାହା ଆପେ ଆପେ ଅନୁମେୟ ହୋଇଯାଏ ।

ଠାକୁରଣୀଙ୍କ ଦେହର ଅପ୍ରାକୃତ ଗୁଣ ବଖପ୍ଟ ନେଇ କଣେ ଲେଖକ ଗୋଟିଏ ଦୃଷ୍ଟାନ୍ତ ଦେଇଛନ୍ତି । ସେ କୌଣସି ସୂତ୍ରରୁ ଶୁଣିଥିଲେ ଯେ ଜନେ ଅନୁପମା ଦେଗ (ଠାକୁରଙ୍କ ଗ୍ରେଟ୍‌ଖାଇ ଚାରପଡଙ୍ଗାଙ୍କ ପତ୍ନୀ) ଓ ସୁଧାଂଶୁ ଦେଗ ବସି ଚାସ୍ ଟେଲୁଥିଲେ । କଚ୍ଛି କଚ୍ଛି ସମପ୍ଚାନ୍ତରରେ ଅନୁପମା ଦେଗ ଗୋଟିଏ ମୃଦୁ ସୁଗନ୍ଧ ଅନୁଭବ କରୁଥିଲେ । କେଉଁଠାରୁ ଏହି ସୁଗନ୍ଧ ଉତ୍ପତ୍ତି ଧର ନ ପାର ସେ ଠାକୁରଣୀଙ୍କୁ କହିବାରୁ ଠାକୁରଣୀ ହସିଦେଇ ନଜ ଶାଢ଼ୀର ଶେଷାଂଶଟିକୁ ନେର ଅନୁପମା ଦେଗଙ୍କ ନାକରେ ଦେଇଥିଲେ । ଅନୁପମା ଦେଗ ଶାଢ଼ୀଟିକୁ ଆଘ୍ରାଣ କର ଅବାକ୍ ହୋଇ ଦେଖିଲେ ଯେ ସେହି ସୁବାସଟି ଚାଙ୍କ ନଜ ବଡ଼ ଯାଚୁଙ୍କର ହିଁ ଅଙ୍ଗସୌରଭ ।

୧୩୨୫ ସାଲରେ ଦୁର୍ଗାପୁର ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା । ବଙ୍ଗଳାରେ ଠାକୁରଙ୍କ ପ୍ରଥମ ଦୀକ୍ଷିତ ଶିଷ୍ୟ ଶ୍ରୀ ଦୁର୍ଗାଚରଣ ଦତ୍ତଙ୍କ ପରେ ହିଁ ଦିଘାପୁରେ ଶ୍ରୀ ଯୋଗେଶ୍ୱର ଗାଙ୍ଗୁଲଙ୍କ ନାମ ଆସିବ । ପ୍ରଥମ ଯୁଗର ଗୃହୀଶିଷ୍ୟ ମାନଙ୍କ ମଧ୍ୟରେ ପ୍ରଥମେ ସେ ଠାକୁରଙ୍କ ଶ୍ରୀମୁଖରୁ ତାଙ୍କ ଜୀବନୀ କଥା ଯାହା ଶୁଣିଥିଲେ, ତାହା ସେ ଶେଷ ସମୟରେ ଲିପିବଦ୍ଧ କରିଥିଲେ । ତାଙ୍କର ଲିଖିତ 'ସଦ୍‌ଗୁରୁ ଭଗମାନନ୍ଦ କଥା' ଅଦ୍ୟାବଧି ପ୍ରକାଶିତ ହୋଇ ପାରି ନ ଥିବା ବଡ଼ ଦୁଃଖର ବିଷୟ । ତାଙ୍କ ପାଣ୍ଡୁଲିପିରେ ମାଁ ଠାକୁରାଣୀଙ୍କ ସମ୍ପର୍କରେ ଗୋଟିଏ ନୂତନ ତଥ୍ୟ ପରିବେଶିତ ହୋଇଛି । ଯାହାକି ଅନ୍ୟ କୌଣସି ଲେଖକଙ୍କ ଲେଖାରେ ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ତେଣୁ ସତ୍ୟାସତ୍ୟ ନିର୍ଣ୍ଣୟର ଭାର ଭବିଷ୍ୟତର ଲେଖକ ମାନଙ୍କ ଉପରେ ଅର୍ପିତ କରି ତଥ୍ୟଟି ପରିବେଷଣ କରିବି । ଯୋଗେଶ୍ୱର ଭାଇ ଦେଇଥିବା ଅଧିକାଂଶ ତଥ୍ୟ ଶ୍ରୀମତ୍ ଯୋଗାନନ୍ଦ ମହାରାଜ, ଶ୍ରୀ ଶିଶିର ବସୁ ଓ ଠାକୁରଙ୍କ ଜୀବନ ଚରିତ ପ୍ରଣେତା ଅନ୍ୟାନ୍ୟ ଗୃହୀ ସନ୍ନ୍ୟାସୀ ମାନଙ୍କର ଲେଖାଦ୍ୱାରା ସମର୍ଥିତ ହୋଇ ଅଛି । ଯିଏ କି ଅନ୍ୟ ସବୁ ତଥ୍ୟ ଠିକ୍-ଠାକ୍ ଭାବରେ ଲେଖିଛନ୍ତି, ସେ ଏହି ତଥ୍ୟଟି କେବଳ ଭୁଲ ଲେଖି ଯାଇଛନ୍ତି ତାହା ମନକୁ ଆସେ ନାହିଁ ।

ଆମ୍ଭେମାନେ ଠାକୁର ପ୍ରସଙ୍ଗରେ ସବିନ ଦେଖିଛେ ଠାକୁରାଣୀଙ୍କ ସହିତ ଠାକୁରଙ୍କର ଶେଷ ଦର୍ଶନ ହୋଇ ପାରି ନଥିଲା । କିନ୍ତୁ ଯୋଗେଶ୍ୱର ଭାଇ ଲେଖିଛନ୍ତି ଯେ, ମୃତ୍ୟୁ ସମୟରେ ମାଁ ଶେଷଥର ପାଇଁ ଠାକୁରଙ୍କ ଦେଖା ପାଇଛନ୍ତି ଏବଂ କେତୋଟି ବିଷୟ କହି ଦେହତ୍ୟାଗ କରିଛନ୍ତି । ଅନ୍ୟ କେଉଁଠି କୌଣସି ସୂତ୍ରରୁ ମଧ୍ୟ ମୁଁ

ଏହି ବଷପୃଷ୍ଟି ପାଇ ନ ଥିବା ଯୋଗୁଁ ନଜେ ମୁଁ ଠାକୁରଙ୍କ
ଜୀବନ କଥାରେ ଏହି ଚଥ୍ୟଟି ଦେଇ ପାରିନାହିଁ । ଅବଶ୍ୟ
ଯୋଗେଶ୍ୱର ଭାଇ ଘଟଣାଟିର ଯେପରି ବର୍ଣ୍ଣନା ଦେଇଛନ୍ତି, ସେଥିରୁ
ଅନୁମିତ ହୁଏ ଯେ, ଏକୁଟିଆ ଅସତ୍ୟ ବୋଲ କୌଣସି ପ୍ରକାରେ
ମଧ୍ୟ ମନେ ହୁଏନା । ଛେଣ୍ଡୁ ମାଙ୍କର ସ୍ୱଚ୍ଛ-ଚର୍ପଣ ସଦୃଶ ଏହି
ଚଥ୍ୟଟି ନୋଡ଼ ଦେବାକୁ ଗୁହିଁଛି । କାରଣ ଚଥ୍ୟଟି ପଦ ଅପ୍ରକାଶ୍ୟ
ରହିଯାଏ ଛେବେ ତାର ସତ୍ତ୍ୟାସତ୍ତ୍ୟ ନର୍ଣ୍ଣପୃ ହେବ କେଉଁ
ଭଙ୍ଗିରେ ?

ଯୋଗେଶ୍ୱର ଭାଇଙ୍କ ଲିଖିତ ପାଣ୍ଡୁଲିପିରେ ଦେଖିବାକୁ
ମିଳେ ଯେ ମାଁ ଠାକୁରାଣୀଙ୍କ ଦେହାନ୍ତର ସମୟରେ ଠାକୁର
କୌଣସି ଜରୁରୀ ମୋକଦ୍ଦମା ନେଇ ଉପର ଦ୍ୱାକନଙ୍କ ନଜେଁ ଶବ୍ଦରେ
ସେ ନାରସୃଣପୁରରୁ କଲିକତା ଗୁଲ ଆସିଥିଲେ । ଘଟି ସାରେ
ଆଠଟା ସମୟରେ ସେଠାରେ ସେ କାଗଜପତ୍ର ଦେଖୁ ଦେଖୁ
ଚାଙ୍କ ଟେବୁଲ୍ ନକଟରେ ଛୁପ୍ପାମୁଁ ଦର୍ଶନ ହୋଇଥିଲା । ଏହି
ଛୁପ୍ପାମୁଁ ଦର୍ଶନ ଚବରଣୀଟି ଅନ୍ୟ ଲେଖକମାନଙ୍କ ପର ଯୋଗେଶ୍ୱର
ଭାଇ ମଧ୍ୟ ଦେଇଛନ୍ତି । ଦୁର୍ଘଟିନାଗ୍ରସ୍ତ ନଳମାକାନ୍ତ କଣ କରେ
କଛି ଗୁଡ ଠିକ୍ କରପାରିଲ ନାହିଁ । ଏହିପରି ପ୍ରାପ୍ତ ଦେଢ଼ଘଣ୍ଟା
କଟାଇବା ପରେ ଗ୍ରାମରୁ ଟେଲଗ୍ରାମ ଆସିଥିଲ । ଭଟ୍ଟାଗୃଟି
ମହାଶୟ ଟେଲଗ୍ରାମ୍‌ରେ ଜଣାଇଥିଲେ ଯେ ବୋହୂ ଅତ୍ୟନ୍ତ ଅସୁସ୍ଥ
ସେ ଦେଖିବାକୁ ଗୁହଁଛନ୍ତି, ଏଣୁ ଅତ୍ତ ଶୀଘ୍ର ଗୁଲଆସେ । ଏହି
ଟେଲଗ୍ରାମ ପାଇବା ପରେ ପ୍ରଥମେ ନଳମାକାନ୍ତ ନଜ ମନକୁ
ସ୍ଥିର କରି ପାରିଲେ ନାହିଁ, ଗୁଡ଼ଲେ ବାବା ଯେଉଁଭଳି ଏତେ
ବ୍ୟସ୍ତହୋଇ ଟେଲଗ୍ରାମ କରିଛନ୍ତି ଛେବେ ନର୍ଣ୍ଣପୃ ଅବସ୍ଥା ଅତ୍ୟ

ସଙ୍କଟାପନ୍ନ ହୋଇଥିବ । ଏତେ ସମୟ ପର୍ଯ୍ୟନ୍ତ ସେ ଆଉ ନଥିବ, ତେବେ ଯାଇ କଣ ବା କରିବ ? କିନ୍ତୁ ପର କ୍ଷଣରେ ପୁଣି ମନେ ହେଲା, ଯଦି ବର୍ତ୍ତମାନ ସୁଦ୍ଧା ସେ ଜୀବିତ ଥାଏ, ତେବେ ଟେଲଗ୍ରାମ ତ ହୋଇଥିବା ଶୁଣି ନିଶ୍ଚୟ ପଥ ଚାହିଁ ରହିଥିବ । ତେଣୁ ନ ଯିବାଟା ଅତ୍ୟନ୍ତ ଅକୃତଜ୍ଞତାର କାର୍ଯ୍ୟ ହେବ । ଏ ଦିଗରେ ପୂଜାଛୁଟି ମଧ୍ୟ ବେଶୀ ଡେରି ନ ଥିଲା । ମୁନିବର କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ଜରୁରୀ । ତେବେ ସୁଦ୍ଧା ନଳମ୍ବାକାନ୍ତ ଶେଷ ପର୍ଯ୍ୟନ୍ତ ସ୍ଥିର ରହି ନ ପାରି ଛୁଟି ଦରଖାସ୍ତ ଲେଖି ତା ସହିତ ଟେଲଗ୍ରାମଟିକୁ ଗୁନ୍ଥି ଗୁକର ହାତରେ ମୁନିବ ନକଟକୁ ପଠାଇବାର ବ୍ୟବସ୍ଥା କଲେ । ବସାରେ ସୂତ୍ରକାର ଓ ଗୁକର ପାଇଁ କଣ କରିବାକୁ ହେବ ନ ହେବ କହି, କିଛି ଟଙ୍କା ଦେଇ ନିଜେ ଘରକୁ ଯିବା ପାଇଁ ପ୍ରସ୍ତୁତ ହେଲେ । ରସ୍ତା ମଧ୍ୟ ମୋଟେ ସୁଗମ ନୁହେଁ ଏଣୁ ଯଥେଷ୍ଟ ସମୟ ଲାଗିବ । ତେଣୁ ରାତି ଗଧିର ହେଲେ ମଧ୍ୟ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ଡେରି କରିବା ପାଇଁ ଇଚ୍ଛା ହେଉ ନ ଥିଲା ।

କେତେ ସମୟ ପରେ ଠାକୁର ଭୈରବୀ ନଦୀ ପାର ହୋଇ କୁଚବପୁରରେ ପହଞ୍ଚିଥିଲେ । ତାଙ୍କୁ ଯୋଗେଶ୍ୱର ଭାଇ ପ୍ରକାଶ କରି ନାହାଁନ୍ତି । କେବଳ ସେ ଲେଖିଛନ୍ତି 'ନଦୀ ଘାଟରେ ଓହ୍ଲାଇ ଶଣାନକୁ ପ୍ରଥମେ ଗୁହିଁ ଦେଖିଥିଲେ ଯେ ସଦ୍ୟ ନବନ୍ତ କୌଣସି ଚିତା ବା ଦହନ ଦୁଇ ଦିନ ମଧ୍ୟରେ ଗୋଡ଼ା ହୋଇଥିବା ଏପରି କୌଣସି ଦାଢ଼ ଚହ୍ନ ଅଛି କି ନାହିଁ ?' ସେଥିରୁ ମନେହୁଏ ଖୁବ୍ ଶୀଘ୍ର ଆସିଥିଲେ ମଧ୍ୟ ଦୁଇତ ଗୋଟିଏ ଦିନ ରସ୍ତାରେ କଟିଯାଇଥିଲା ।

ଗାଁକୁ ଯାଇ ଘରକୁ ଯିବା ମାଣ୍ଡକେ ତାଙ୍କର ପୂର୍ବ ପରିଚିତ ଗ୍ରାମର ଡାକ୍ତର ବାବୁ ଶୀଘ୍ର ଆସି ତାଙ୍କ ହାତ ଧରିନେଇ ଭିତରକୁ

ଗଲଗଲେ । ଠାକୁର କଛୁ ପଚାରିବାକୁ ଇଚ୍ଛା କଲାପଲେ ମଧ୍ୟ ମୁଖରୁ କଥା ସ୍ପୁରଚ ହେଲନାହିଁ । ଅନେକ କଷ୍ଟରେ ସେ କାଶିବାକୁ ଘୁଞ୍ଚିଲେ ସମ୍ବାଦ କଣ ଡାକ୍ତର ବାବୁ ? ଡାକ୍ତର ବାବୁ ଶୀଘ୍ର ଆସ, ଆସ କହି ତାଙ୍କୁ ଟାଣି ନେଇଗଲେ । ଉଚ୍ଚରେ ପ୍ରହ୍ଲାଦିକା ମାନେ ଶଯ୍ୟାଶାୟୀ ସ୍ତ୍ରୀକୁ ଦେଖିଲେ । ସ୍ତ୍ରୀଙ୍କ ନକଟରେ କେବଳ କଣେ ଖୁଡ଼ୀମା ହିଁ ଥିଲେ । ସେ ଉଚ୍ଚ କଣ୍ଠରେ ନଉଣାପଲାମୁର୍ଜ୍ଜିତା ପାଖୁ ସୁଧାଂଶୁବାଳାକୁ କହିଲେ, 'ବୋଉ ! ଦେଖ ଯେ କଳମା ଆସିଛି ।' ଦୁଆର ବନ୍ଦ୍ୟୋପଧ୍ୟାୟ ପର ଠାକୁରାଣୀ ଚମକି ଘୁଞ୍ଚିଲେ । ମୁହୁମ୍ବରେ କହିଲେ 'ଆସିଛନ୍ତି ! କାହିଁନ୍ତି ସେ ?' ନଳମାକାନ୍ତ ସାମନାରେ ଆସି ବସିବା ମାତ୍ରେ ସୁଧାଂଶୁବାଳା ସଜଳ ନେତ୍ରରେ ତାଙ୍କ ଆଡ଼େ ଘୁଞ୍ଚି, ପରେ ଏଦଗ ସେ ଦଗକୁ ଘୁଞ୍ଚିଲ । ସୁଧାଂଶୁଦେଖାଙ୍କ ଗଦ ବୁଝି ଡାକ୍ତର ବାବୁ ସମସ୍ତଙ୍କୁ ଇଶାରା ଦ୍ୱାରା ଡାକ ଦରଜା ଦେଇ ପଦାରେ ଠିଆହେଲେ । ଉତ୍କାଣ୍ଠପ୍ୟ ମହାଶୟ ଠିଆହୋଇ ନପାରି ଅବସନ୍ନ ଦେହ ନେଇ ତଳେ ବସି ପଡ଼ିଲେ । ସେତେବେଳେ ସୁଧାଂଶୁବାଳା ଧିରେ ଧିରେ କହିଲେ, 'ଆସିଛ ? ଆଜକୁ କେତେ ଦିନ ଧରି ତୁମର ଅପେକ୍ଷାରେ ହିଁ ମୁଁ ଅଛି ।' ଅଳ୍ପ ସମୟ ପରେ ପୁଣି କହିଲେ 'ତୁମେ ଆଉ ବିବାହ କର ନାହିଁ ।' ଧର୍ମ ସତ୍ୟ, ପରକାଳ ସତ୍ୟ ବୋଲି ଜାଣ । ସଦ୍‌ଗୁରୁ ଆଶ୍ରୟ କରି ଦୀକ୍ଷିତ ହୋଇ ନସ୍ପୃହ ଗୃଣ୍ୟ ସାଧନା କର । ତୁମର ଚରଣ ଦୁଇଟି ବର୍ତ୍ତମାନ ମୋର ମଥାରେ ଲଗାଅ, ମୁଁ ଯାଏ ।' *

---

* 'ମଲାଚଳ-ବାଣୀ' ପୁସ୍ତକରେ ଦେଖାଯାଏ, ଶ୍ରୀ ଶ୍ରୀ ଠାକୁର ଦୁଇଟି ଛତ୍ରରେ ଏହି ଘଟଣାଟି ସମର୍ଥନ କରିଛନ୍ତି । —ଲେଖିକା

ଡ଼ାକ୍ତର ବାବୁ କାନଡ଼େର ସବୁ ଶୁଣୁଥିଲେ । ତେଣୁ ଶୀଘ୍ର ସମସ୍ତଙ୍କୁ ନେଇ ମୁହୂର୍ତ୍ତ ମଧ୍ୟରେ ଘରେ ଯାଇ ପହଞ୍ଚିଲେ । ଏଥର ଚଢ଼ାଯନାର ସମସ୍ତ ଲକ୍ଷଣ ଗେଗିଣୀଙ୍କ ଦେହରେ ପ୍ରକଟ ହେବାକୁ ଲାଗିଲା । ଶୀଘ୍ର ସମସ୍ତେ ଧରାଧରି କରି ବୋହୂକୁ ତୁଳସୀମଞ୍ଚର ସାମନା ଅଗଣାକୁ ଆଣି ଶୁଆଇଲେ । ଦୁଇ ଏକ ମୁହୂର୍ତ୍ତ ପରେ ପରେ ହିଁ ଠାକୁରଣୀଙ୍କ ଜୀବନ ପ୍ରଦୀପ ଶେଷ ହୋଇଗଲା । ଗଗନଭେଦୀ ରୋଦନରୋଳ ସହିତ ଶୁଣାଯିବାକୁ ଲାଗିଲା ଶୋକାକୁଳ ଭଟ୍ଟାଚାର୍ଯ୍ୟ ମହାଶୟଙ୍କ କଣ୍ଠ ନିସୃତ—'ହରେ କୃଷ୍ଣ ହରେ କୃଷ୍ଣ ହରେ ରାମ ହରେ ରାମ' ଧ୍ୱନି ।

ନଳମାକାନ୍ତ ନଃଶବ୍ଦରେ ଉଠି ଅନ୍ୟ ଘରକୁ ଚାଲିଗଲେ । ତାଙ୍କ ପଛରେ ଗଲେ ତାଙ୍କର ବନ୍ଧୁ ସ୍ଥାନୀୟ ଡ଼ାକ୍ତର ବାବୁ । ସେହି ଘରେ ବସି ଡ଼ାକ୍ତରଙ୍କ ମୁଖରୁ ଅନୁପୂର୍ବକ ଘଟଣା ଶୁଣି ନଳମାକାନ୍ତ ଜାଣିଲେ ଯେ, କଲକତାରେ ସେ ଯେଉଁ ସମୟରେ ସ୍ତ୍ରୀଙ୍କର ଚୁପ୍‌ଚାମୁଡ଼ି ଦର୍ଶନ କରିଥିଲେ ତାର ପ୍ରାପ୍ତ ବ୍ରହ୍ମଦଣ୍ଡ ପୂର୍ବରୁ ସୁଧାଂଶୁବାଳାଙ୍କ ଦେହ ନିସ୍ପନ୍ଦ, ନଥର ଓ ମୃତବତ୍ ହେବାରୁ ତାଙ୍କୁ ବାହାରକୁ ଆଣିବାର ଥିଲା । କିନ୍ତୁ ଏହି ସମୟରେ ସୁଧାଂଶୁଦେବୀଙ୍କ ମୁଖରୁ ଅସ୍ପଷ୍ଟ ସ୍ୱରରେ ବାହାର ହେଲା, କଣ ସେ ଆସିଲେ ନାହିଁ ? ତା'ପରକ୍ଷଣରେ ଦେହ ଆହୁର ନିସ୍ପନ୍ଦ ପ୍ରାଣହୀନ ଭଳି ବୋଧହେଲା । ତେଣୁ ସେତେବେଳେ ସମସ୍ତେ ଏହାକୁ ମୃତ୍ୟୁର ପୂର୍ବଚିହ୍ନ ଦାରୁଣ ମୋହ ବୋଲି ସ୍ଥିର କଲେ । ଏହି ଅବସ୍ଥାରେ ହିଁ ଠାକୁରଣୀ ନଳମାକାନ୍ତ ଆସିବା ପର୍ଯ୍ୟନ୍ତ ପଡ଼ି ରହିଥିଲେ ।

ଏହିସବୁ ବସ୍ତୁତଃକର ହୃଦସ୍ପନ୍ଦନ-ବିଦାରକ କ୍ରନ୍ଦନ ଶୁଣି ନଳମାକାନ୍ତ ସ୍ତମ୍ଭିତ ଓ ନିର୍ବାକ ହୋଇ ରହିଲେ । ପ୍ରାଣରେ ଅବରୁଦ୍ଧ ଶୋକର

ଦୁଃସହ ଯନ୍ତ୍ରଣା ଦେବାକୁ ଲଗିଲା । ତାଡ଼ା ସହିତ ଝଟ୍ଟ କଙ୍କାଯା— 'ନସ୍ତୈଗୁଣ୍ୟ ସାଧନ କର' । ଏଡ଼ାଗ ଅର୍ଥ ବା କଣ ? ଏଡ଼ା ପୁଣି ଘଣୀ କାଡ଼ା ନକଟରୁ କେବେ ଶୁଣିଲେ ଏବଂ ଅର୍ଥ ବା ଜାଣିଲେ କପର ? କାହିଁକି ସେ ମୃତ୍ୟୁ ସମୟରେ ଏହା କେତୋଟି କଥା କହି ଗଲେ ? ଯେପର କ ଏଡ଼ା କହିବା ପାଇଁ ସେ ମୃତ୍ୟୁକୁ ଠେଲା ରଖି ତାଙ୍କ ପଥ ଚାହିଁ ପଡ଼ରହିଥିଲେ ।

ଭଟ୍ଟାଚାର୍ଯ୍ୟ ମହାଶୟ ନଳମାଙ୍କୁ ବୋହୂର ମୁଚାଟି ଦେବାକୁ କହିଥିଲେ । କନ୍ତୁ ନଳମାକାନ୍ତ ଅସ୍ୱୀକୃତ ହେବାରୁ ନଜେ ବୃଦ୍ଧ ଭଟ୍ଟାଚାର୍ଯ୍ୟ ମହାଶୟ ହିଁ ସାଶ୍ରୁନେତ୍ରରେ ତାଙ୍କ କୁଳଲକ୍ଷ୍ମୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କଲେ । ଭୈରବୀ ନଦୀର ତଟରେ ଚତା ଜଳି ଉଠିଥିଲା ।

ଯୋଗେଶ୍ୱର ଘଇଙ୍କ ବର୍ଣ୍ଣିତ ଦୁଇଟି ଅଭିନବ ତଥ୍ୟ ବିଶ୍ୱାସ କରିବାକୁ ପ୍ରରୋଚିତ କରେ । ଗୋଟିଏ ବିଷୟ ହେଲା 'ବବାଦ କର ନାହିଁ—ନସ୍ତୈଗୁଣ୍ୟ ସାଧନ କର' ମାଁଙ୍କର ଏହି ଉକ୍ତି । ଅନ୍ୟାନ୍ୟ ଲେଖକ ଏହି କଥାଟି ପରଲୋକଗତା ଠାକୁରଣୀଙ୍କ ଉକ୍ତି ବୋଲି ବର୍ଣ୍ଣନା କରିଛନ୍ତି । କନ୍ତୁ ଉକ୍ତିର ବକ୍ତା ଯେ ସ୍ୱୟଂ ମାଁ ଠାକୁରଣୀ ସେଥିରେ ଏକମତ ନୁହଁନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କ ଜଣେ ଖୁଡ଼ମାଙ୍କ (କାଳୀ ଖୁଡ଼) ସହିତ ଠାକୁରଣୀଙ୍କର ସଖିତ୍ୱ ଥିଲା । ସେହି ଖୁଡ଼ମାଙ୍କ କନ୍ୟା ବଜୁଳମାଙ୍କ ମୁଖରୁ ଶୁଣିଛୁ ଯେ ଠାକୁରଣୀ ତାଙ୍କ ମାଁ (କାଳୀଖୁଡ଼)ଙ୍କୁ କହିଥିଲେ ଯେ, 'ଖୁଡ଼ମା ! ସେ ନ ଆସିବା ପୂର୍ବରୁ ଯଦି ମୋର ଦେହତ୍ୟାଗ ହୋଇଯାଏ, ତେବେ ତାଙ୍କୁ କହିବ ସେ ଯେମତ୍ତର ପୁଣି ବବାଦ କର ଫସାଦ୍ଦ ହେବେ । ତାଙ୍କର ବପ୍ତସ ବା କେତେ ?' ଠାକୁରଣୀଙ୍କର ଯେଉଁ ମହାପ୍ରସ୍ଥାନ ଚରିତ ଥିଲା ସେଥିରୁ

ପ୍ରମାଣିତ ହୁଏ । ଏହି କେତୋଟି କଥାରୁ ମନେହୁଏ ଏହା ଅନ୍ୟ ଲେଖକମାନେ ଉଲ୍ଲେଖ କରି ନାହାଁନ୍ତି । ତାହା ଅର୍ଥ ଠାକୁରଙ୍କ ମୁଖରୁ ସେମାନେ 'ଆଉ ଭବାହ ନ କରିବା' କଥାଟା ହିଁ ଶୁଣିଛନ୍ତି । ଜାଲୀଖୁଣ୍ଟ ଠାକୁରଙ୍କୁ ବୋହୂର ପତ୍ର ଖବର ଦେଇଥିବା ଅନ୍ୟ ଲେଖକମାନଙ୍କୁ ଏହା ଜଣାଥିଲା । ଠାକୁର ତେବେ "ପୁଣି ଭବାହ କରିବାକୁ କହିବ" ମାଁଙ୍କର ଏହି ଉକ୍ତି ବାଦଦେଇ ଅପରଟି କହିଲେ କାହିଁକ ?

ଏହାର କାରଣ ଖୋଜିବାକୁ ଗଲେ ମନେ ହେଉଛି ଯେ, 'ପୁଣି ଭବାହ କରିବାକୁ କହିବ' ଏହି ଉକ୍ତିଟି ଠାକୁରାଣୀଙ୍କ ମାନସ ଖବରେ କହିବା । କାରଣ ସେ ସେତେବେଳକୁ ମୃତ୍ୟୁ କବଳରୁ ମୁହନ୍ତି । କେବଳ ଗୃହରୁ ପୀଡ଼ାଦାୟ ପ୍ରାଣ ଯିବାର ଆଶଙ୍କା ଜାଗିଥିଲା । କନ୍ତୁ ଯେତେବେଳେ ସେ ମରଣ-ମୂର୍ଚ୍ଛାରେ ଢଳପଡ଼ ପୁଣି ଦେହକୁ ଫେରି 'କାହିଁ ସେ ଆସିଲେ ନାହିଁ' କହି ଚକ୍ଷୁ ଖୋଲିଲେ । ତା ପୂର୍ବରୁ ହିଁ ସେ ଠାକୁରଙ୍କୁ ସ୍ଥୂଳ ଚକ୍ଷୁରେ ଦେଖାଦେଇ ଆସିଛନ୍ତି । ତାପରେ ତାଙ୍କର ଅନ୍ତର୍ଦୃଷ୍ଟି ଖୋଲିଯାଇଛି । ସେତେବେଳେ ସେ 'ଅନ୍ଧ ଦେଖା' । ତେଣୁ ହିଁ ଠାକୁରଙ୍କର ପରବର୍ତ୍ତି ମହାସାଧକଙ୍କ ମହାଜୀବନର ଅଘଟ ତାଙ୍କ ଚଉରେ ଫୁଟି ଉଠିଛି ଏବଂ ସେହି କାରଣରୁ ହିଁ ସେ 'ପୁଣି ଫସାର କର ନାହିଁ, ଦୀକ୍ଷା ନେଇ ନହେଁ ଗୁପ୍ତ ସାଧନ କର' ଉକ୍ତିଟିକୁ କହି ଉଠିଛନ୍ତି । ତେଣୁ ଏହା ହେଲା ତାଙ୍କର ନିଜସ୍ୱ ଖବର ବକ୍ତବ୍ୟ । ଏହି ପ୍ରସଙ୍ଗରେ ଠାକୁରଙ୍କର ଗଣ୍ଠିଏ ପଦ ମନେ ପଡ଼ିଯାଏ । ଏହି ପଦଟି ଜଣେ ଭକ୍ତର ସ୍ତ୍ରୀ ବିୟୋଗରେ ଲେଖିଛନ୍ତି । ପଦଟି ହେଲା—'ପୂର୍ବେ ଅନଭଜ୍ଞା ସଙ୍ଗିନୀ ମୋର ଥିଲେ, କନ୍ତୁ ବର୍ତ୍ତମାନ ସେ ଅଭଜ୍ଞ ନେତା (ଲଉର୍)ର କାର୍ଯ୍ୟ କରିବେ ।... ବସ୍ ! ମୁଁ ମଧ୍ୟ ଜଣେ ଭୁକ୍ତଭୋଗୀ ।' (୨/୫୯)

ଏହି ପ୍ରସଙ୍ଗରେ ଅନ୍ୟ ଏକ ଭକ୍ତ ସ୍ୱପ୍ନ ବୃତ୍ତାନ୍ତର ଉଲ୍ଲେଖ ଚନ୍ଦନଚର୍ଚ୍ଚାଙ୍କ ଲେଖା 'ଗ୍ରେସ୍—ଫମାର୍ଥ' ନାମକ ଗ୍ରନ୍ଥରେ ମିଳେ ଠାକୁରଙ୍କୀଙ୍କ ଦୃଷ୍ଟିକୋଣର ବର୍ତ୍ତମାନ । ଶ୍ରୀମନ୍ ଉଲ୍ଲେଖ ସ୍ୱପ୍ନରେ ପଢ଼ିବା ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନଲାଭ ହୁଏ । ସେ ଠାକୁରଙ୍କ ଆଦେଶ କଥା ଅନୁଯାୟୀରେ ୧୩୬୦ ସାଲ ଆଶ୍ୱିନ ଚତୁର୍ଦ୍ଦଶୀରେ ପ୍ରକାଶ କରିଥିଲେ । ପରିଚୟ ସେଖାଟି ସମ୍ପୂର୍ଣ୍ଣରୂପେ ସେତେବେଳେ ମଧ୍ୟ ସେହି କମ୍ପାନିରି ଅନ୍ତର୍ଭୁକ୍ତ ଏବଂ ତାହା ଠାକୁରଙ୍କର ସ୍ୱକାମୁକୂଳ ହୋଇଥିବା ବୋଲି ହିଁ ଶ୍ରୀ ଶ୍ରୀ ଠାକୁର ଆଦେଶ ଚତୁର୍ଦ୍ଦଶୀରେ ପ୍ରକାଶ କରିଥିଲେ । 'ଗ୍ରେସ ଫମାର୍ଥ'ରେ ସେଖାଅଛି ଯେ ତାଙ୍କର ପୁତ୍ରୀ ତାଙ୍କୁ ଏକ ଚଷିବା ଜମିରି ସାଧନା କରିବେ, ଏହି ସଙ୍କଳ୍ପ ମନରେ ଥିବା ବେଳେ ଠାକୁରଙ୍କୀ ଅତିପୂର୍ବ୍ବ ଚୈତନ୍ୟରୂପ ସେଇ ସେବ୍ଦଜ୍ଞାନ କରେ । ଏହିରୂପ ଅନୁମିତ ହୁଏ ଠାକୁର ସମସ୍ତଙ୍କ ଜୀବନରେ ନିଜର ଚୈତନ୍ୟରୂପ ଆଦେଶ ସମସ୍ତଙ୍କୁ ହିଁ ସେତେବେଳି ଦେଇ ପ୍ରକାଶ କରିଥିଲେ । ମାନସ ସ୍ୱରର ବକ୍ତବ୍ୟଙ୍କୁ ସୁନୁଛୁ ସେଇମାନଙ୍କରି ।

କଣ୍ଠ ଶବ୍ଦରେ କାଳରେ ଠାକୁର ଶବ୍ଦଙ୍କ ସେଷ୍ଟାଙ୍ଗରୀ ସୋଇଥିବା ଚଉପଦି କାହିଁକି ପ୍ରକାଶ କରି ନାହାନ୍ତି ? ସେତେବେଳକୁ ସ୍ୱଇଚ୍ଛ ଛଡିତ ଉତ୍ତରଟି ଦେଇଥିଲେ ସିନା ସଞ୍ଚି ଯାଇଥିଲେ । ଦୁଇଟି ପ୍ରଥମ ଦୂରରେ କେତେବେଳେ ଦିଶ୍ଚା ଏହି ଚଉପଦି ହିଁ ପଢ଼ିବା ସୋଲା ଦାଉଥିଲେ । ଅଥଚ ଠାକୁର-କାହିଁକି ସେ ଏହି ଚଉପଦି ସମ୍ପୂର୍ଣ୍ଣରି ସୋଧନ କରିଦେଇଥିଲେ ତାହା ତାଙ୍କୁ ହିଁ ଜଣା । ଶ୍ରୀମତ୍ ସ୍ୱପ୍ନାବସ୍ଥାରେ ମଧ୍ୟ କାହିଁକି ଏହି ଚଉପଦି ପ୍ରକାଶ ନ କରି, 'ଜେଉ ସେଖା ସୋଇ ନାହିଁ' ଏହି କଥାରି ପ୍ରତ୍ୟୁତ୍ତର କରିଥିଲେ ? ଏହ ବର୍ତ୍ତମାନ ଦୃଷ୍ଟା ତାହା ହିଁ ଉତ୍ତର ସୋଇ ଥାଇପାରେ କାହିଁକି ଏହା ଏକ ଅଜ୍ଞାତିତ ରହସ୍ୟ ।

ତେବେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କ ନକଟରେ ସବୁ କଥା ପ୍ରକାଶ କରୁ ନ ଥିଲେ ଏବଂ ନଜର ଘବାନୁଯାୟୀ ହିଁ ତଥ୍ୟ ଗବେଷଣା କରୁଥିଲେ, ତାହାର ଏହା ଏକ ଅକାଟ୍ୟ ପ୍ରମାଣ ।

୧୩୩୩ ସାଲରେ ଯେଉଁଥର କ ଗୁରୁଧାମ ପ୍ରତିଷ୍ଠା ହୋଇଥିଲା ସେହି ସମୟରେ ଗୁରୁଭ୍ରାତା ଶ୍ରୀ ଶଶଧର ଚକ୍ରବର୍ତ୍ତୀ ଓ ଠାକୁରଙ୍କ ଜଣେ ଭକ୍ତ ଭୈରବୀ ନଦୀ ତୀରରେ ଖୋଜଥିଲେ, 'କେଉଁଠାରେ ଆମ ଠାକୁର ଅଷ୍ଟୋତ୍ତରଂଶ ବର୍ଷ ବପୁଷରେ ପ୍ରଫୁଲ୍ଲ ପ୍ରାଣର ସମସ୍ତ ସୁଖଶାନ୍ତି, ଆଶାଭରସା, ଉଦ୍ୟମ ଓ ଅଧ୍ୟବସାୟୁ ଘଦ୍ରବଭରା ଭୈରବୀ ନଦୀତୀରସ୍ଥ କଦମ୍ବମୂଳରେ ଭସ୍ମୀଭୂତ କରି ସୃଷ୍ଟିର ଜ୍ୱଳନ୍ତ ଚିନ୍ତା ହୃଦୟରେ ନେଇ ଘରୁ ବାହାର ହୋଇଥିଲେ, ('ଯୋଗୀଗୁରୁ' ଭୂମିକା) କାହିଁ କେଉଁଠାରେ ସେହି କଦମ୍ବ ମୂଳ ? ସେମାନେ ଭୈରବୀ ତୀରଦେଶରେ ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ଖୋଜ ବୁଲିଲେ, କିନ୍ତୁ କଦମ୍ବ ଗଛ କାହିଁ ? ଅପର ତୀରରେ କେତୋଟି କଦମ୍ବ ଗଛ ଥିଲା କିନ୍ତୁ ଏ ପାରରେ ଗୋଟିକର ମଧ୍ୟ ଚିହ୍ନ ନାହିଁ । ସେମାନେ ଫେରଆସି ଠାକୁରଙ୍କୁ ଏକା ଥାଇ କ୍ଷେପା ଦାସ ଘଇଙ୍କ ଦ୍ୱାରା ପ୍ରଶ୍ନଟି କରାଇଥିଲେ ଯେ—'ଠାକୁର' ! ଆମ ମାଁଙ୍କ ଦେହ କେଉଁ କଦମ୍ବ ମୂଳରେ ଭସ୍ମୀଭୂତ କରା ହୋଇଥିଲା ?' ଠାକୁର ମୃଦୁହସି ଉତ୍ତର ଦେଲେ—'ତୁମେମାନେ ଯେଉଁ ସ୍ଥାନରେ ନୌକା ଦ୍ୱାରା ପାର ହୋଇ ଏହି କୂଳକୁ ଆସିଲ', ସେହିଠାରେ ବାମ ଦିଗକୁ ନଦୀ ଧାରରେ ସେତେବେଳେ ଗୋଟିଏ ବଡ଼ ଗଛ ଥିଲା । ସେହି ଗଛ ମୂଳରେ ହିଁ ସେହି ସ୍ଥାନ, ବର୍ତ୍ତମାନ ତାହା ନଦୀ ଗର୍ଭରେ ବିଲୀନ । କଦମ୍ବ ଗଛ କହିଲେ ଜାଣିରଖ ଯେ, ତାହା ବଡ଼ ଗଛ ମୂଳ । ମୁଁ ମୋର କଳ୍ପନାନୁଯାୟୀ 'କଦମ୍ବ ମୂଳ' ବୋଲି ପ୍ରକାଶ କରିଛି ।

ଠାକୁରଙ୍କର କଳ୍ପନା ବା ଭ୍ରବ କେହି ଖଣ୍ଡିତ କରିବାକୁ
ଚାହିଁ ନାହାନ୍ତି ବୋଲି ହିଁ ଯୋଗେଶ୍ୱର ଭାଇଙ୍କ ପରି ପ୍ରାଚୀନ
ଶିଷ୍ୟମାନେ ମଧ୍ୟ 'କଦମ୍ବ ତଳ' ବୋଲି ଲେଖିଛନ୍ତି । ଶ୍ରଦ୍ଧେୟ
ରମାନନ୍ଦଙ୍କଙ୍କ ଲିଖିତ ତଥ୍ୟ ସବୁଠାରୁ ଆନୁଗତ୍ୟ । ସ୍ୱ-ଗ୍ରାମର
ଶ୍ମଶାନରେ କୌଣସି କଦମ୍ବ ନଥିଲା, ସେ କଣ ଚାହାଁ ନାଣି
ନାହାନ୍ତି ? କନ୍ତୁ ସେ ମଧ୍ୟ ସେହି 'କଦମ୍ବ ମୂଳ' ବୋଲି ହିଁ
ଲେଖିଛନ୍ତି । ଏହି ସବୁ ନାନାକାରଣ ଯୋଗୁଁ ମହାପୁରୁଷମାନଙ୍କ
ଜୀବନ କାହାଣୀରେ ବାସ୍ତବ ଘଟଣା ଯେ କଣ, ଚାହା ନିର୍ଣ୍ଣୟ
କରିବା ବଡ଼ ଦୁଃସାଧ୍ୟ । ବ୍ୟାସ ବାଲ୍ମୀକଙ୍କ ପରି ରଚିତାକାରମାନେ
କେବଳ ଭ୍ରବର ସତ୍ୟକୁ ହିଁ ରୂପ ଦେଇଛନ୍ତି । ମନୁଷ୍ୟ ଯାହାକୁ
ପ୍ରକୃତରେ ସତ୍ୟ ବୋଲି ଜାଣେ ତାକୁ ନଜର ଦିଏନା । ଏହି
କାରଣରୁ ହିଁ ବଶ୍ୱକବି ଲେଖିଛନ୍ତି, 'କବି ! ତୁମର ମନୋଭୂମି
ଅଯୋଧ୍ୟା ଠାରୁ ସତ୍ୟ ବୋଲି ଜାଣିଛୁ । ତୁମେ ଯାହା ରଚିବ
ତାହା ହିଁ ସତ୍ୟ' ଇତ୍ୟାଦି । ଠାକୁର ମଧ୍ୟ ତାଙ୍କ ଜୀବନ-କଥାର
ଜାଗତିକ ସତ୍ୟ ସମ୍ବନ୍ଧରେ ବରବର ଉଦାସୀନ ଥିଲେ ।
ମୋଟାମୋଟି ଭ୍ରବରେ ଜୀବନର ପ୍ରଧାନ ଘଟଣାଗୁଡ଼ିକ କହିବା
ଛଡ଼ା ଶେଷ ସମୟରେ ସେ ବିଶେଷ କିଛି କହିବାକୁ ଚାହିଁ ନଥିଲେ ।
ଲେଖକମାନଙ୍କ ବକ୍ତବ୍ୟ ତଥ୍ୟ ଗୁଡ଼ିକରେ ଭୁଲ ଥିବା ବେଶି ମଧ୍ୟ
ତାକୁ ଗ୍ରାହ୍ୟ କରୁ ନଥିଲେ । ମଠରେ ଥରେ ନଡ଼ିଆ ଚ୍ଚଙ୍କ ପ୍ରଣୀତ
'ଭ୍ରବର ସାଧନା' (ଭକ୍ତକୃଷ୍ଣ ଗୋସ୍ୱାମୀଙ୍କ ଜୀବନ କଥା)
ପୁସ୍ତକଟି ସଚ୍ଚିଦାନନ୍ଦ ମହାରାଜ ପଢ଼ିବାକୁ ଦେଇଥିଲେ । କହିଛି ପଢି
ଠାକୁର ଦୁଃଖୀ ହୋଇ ମନ୍ତବ୍ୟ କରିଥିଲେ ଯେ, 'ଜୀବନ ଲେଖିଲେ
ଏହିପରି ଦେବା ଉଚିତ ।' କେବଳ କେତେଗୁଡ଼ିଏ କାହାଁକାହାଁ
ଲେଖିଦେଲେ କଣ ଜୀବନ ଲେଖା ହୁଏ ?

କନ୍ତୁ ଆମ୍ଭମାନଙ୍କ ପରି ସାଧାରଣ ମଣିଷ ଗୁରୁ, ଅବତାର ଏବଂ ମହାପୁରୁଷ ମାନଙ୍କ ସାଧନ ଜୀବନ ବା ସେମାନଙ୍କର ଆଦର୍ଶ ଉଦ୍ଦେଶ୍ୟ କେବଳ ଜାଣିଲେ କଣ ତୃପ୍ତି ହୋଇ ପାରିବା ? ଆମେମାନେ ସେମାନଙ୍କ ଜୀବନର ଜାଗତିକ ଇତିହାସ ମଧ୍ୟ ଜାଣିବାକୁ ଚାହିଁବା । ଯାହା ସେମାନେ ଛୁଇଁ ବସିପଡ଼ି ବୋଲ ଉଡ଼ାଇ ଦଅନ୍ତି, ଆମ୍ଭେମାନେ ସେହି ବସିପଡ଼ିରୁ ହିଁ ରସ ପାଉ । ତେଣୁ ଆମ୍ଭମାନଙ୍କ ନକଟରେ ଠାକୁର ମହାରାଜଙ୍କ ସମ୍ପର୍କରେ ଯେଉଁଠାରୁ ଯାହା ପାଇବା ଚାହିଁ ଆଣି ଯୋଗାଡ଼ କରିବା ହିଁ ସ୍ୱାଭାବିକ । ସମ୍ଭବ ଯଦି ହୁଏ ତେବେ ବିଭିନ୍ନ ଲେଖକଙ୍କ ଲେଖାକୁ ମିଳାଇ ତୁଳନା ମୂଳକ ଆଲୋଚନା ଦ୍ୱାରା ସତ୍ୟ ନିର୍ଣ୍ଣୟ କରିଯାଇପାରେ । ଯେଉଁ କ୍ଷେତ୍ରରେ ଚାହିଁ ସମ୍ଭବ ହୋଇପାରିବ ନାହିଁ ସେଠାରେ କିଏ କଣ ଲେଖିଛନ୍ତି ବା କହି ଯାଇଛନ୍ତି ଅନ୍ତତଃ ଚାହିଁ ସଂଗ୍ରହ କରିବା ଉଚିତ ।

ଶ୍ରୀମତ୍ ହନୁମାନନ୍ଦଜୀ ସଂକ୍ଷିପ୍ତରେ ମାଁ ଠାକୁରାଣୀଙ୍କ ଶ୍ରାଦ୍ଧ ବାସରରେ ଶ୍ରାଦ୍ଧାନ୍ନ ଗ୍ରହଣ ବସିପଡ଼ି ନେଇ 'ସତ୍ୟକଥା'ର ପ୍ରାରମ୍ଭରେ ଲେଖିଛନ୍ତି । ଯେତେ ଦୂର ସ୍ମରଣ ହୁଏ—ଶ୍ରୀ ନଗମାନନ୍ଦ ସତ୍ୟର ଲେଖକ ଏହି ସମ୍ବନ୍ଧରେ ତଥ୍ୟ ପ୍ରଥମ ସଂସ୍କରଣରେ ହିଁ ପରିବେଷଣ କରିଥିଲେ । କନ୍ତୁ ଦ୍ୱିତୀୟ ସଂସ୍କରଣରେ ଚାହିଁ ଆଉ ନ ଥିଲା । ପ୍ରଥମ ସଂସ୍କରଣ ବର୍ତ୍ତମାନ ସଂଗ୍ରହରେ ନ ଥିବାରୁ ଏହି ବସିପଡ଼ିରେ ନିର୍ଣ୍ଣୟ କର କହିବା ସମ୍ଭବପର ହେଉନାହିଁ । କନ୍ତୁ ଯୋଗେଶ୍ୱର ଭାଇ ଏହି ବସିପଡ଼ି ନେଇ ତାଙ୍କ ପାଣ୍ଡୁଲିପିରେ ଯାହା ବିବରଣ ଦେଇଛନ୍ତି ଚାହିଁ ଏଠାରେ ଲିପିବଦ୍ଧ କଲେ ଅପ୍ରାସଙ୍ଗିକ ହେବ ନାହିଁ ।

ପ୍ରଥମ ଜୀବନରେ ନଳମାକାନ୍ତ ପରଲୋକ, ଦେବତା ଓ ଶ୍ରାଦ୍ଧାଦି ଅନୁଷ୍ଠାନ ବିଷୟରେ ସଂଶୟୀ ଥିଲେ । ସ୍ତ୍ରୀଙ୍କ ମୃତ୍ୟୁ ପରେ ଭଟ୍ଟାଚାର୍ଯ୍ୟ ମହାଶୟଙ୍କୁ ଶ୍ରାଦ୍ଧାଦି ସମ୍ପନ୍ନ କରିବାକୁ କହି 'ମୁନିବଙ୍କ କରୁଣା ମୋକଦ୍ଦମା ଜିତି ଚାଲି ଆସିଛୁ, ରହିପରିବ ନାହିଁ' ଏହି ଛଳନା ଦେଖାଇ ସେ ଅବିଳମ୍ବେ କଲିକତାକୁ ଫେରିଗଲେ । ସେଠାକୁ ଯାଇ କର୍ମକ୍ଷମରେ ପ୍ରାଣପଣେ ମନ ଦେବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କୁ ସର୍ବଦା ଲୋକାନ୍ତରିତା ସ୍ତ୍ରୀଙ୍କ ଛବି ପୀଡିତ କରୁଥାଏ । ଏହି ସମୟରେ ଜନେ ସମସ୍ତ କାର୍ଯ୍ୟକର୍ମାଦି ଶେଷକରି ରାତ୍ର ବିଛଣାରେ ଶୋଇଛନ୍ତି । ହଠାତ୍ ମନେହେଲା, ଯେପରି କେହି ଜଣେ ଘର ଭିତରେ ଧୁର ବୁଲୁଛି । ସେହି କାଳର ପ୍ରଥାନୁଯାୟୀ ମାଁ ଠାକୁରାଣୀ ଯେଉଁ ପାଦାଙ୍ଗୁଷ୍ଠୀୟ ପିନ୍ଧିଥିଲେ, ତାର ଅସ୍ପଷ୍ଟ ଝୁଣୁ ଝୁଣୁ ଶବ୍ଦ ମଧ୍ୟ ଶୁଣାଯାଉଛି । ଅଥଚ କାହାକୁ ଦେଖିବାକୁ ମିଳେନାହିଁ । ଶେଷରୁ ଉଠି ବସିପଡ଼ି ନଳମାକାନ୍ତ ଜିଜ୍ଞାସା କଲେ, 'କଏ ଏହି ଘରେ' ? ଉତ୍ତର ଆସିଲା 'ମୁଁ' ସେହି କଣ୍ଠସ୍ୱର ପୂର୍ବପରିଚିତ ଠାକୁରାଣୀଙ୍କର ପରି ବୋଧହେଲା । ନଳମାକାନ୍ତ ଚମକି ଉଠି କହିଲେ, 'ତୁମର ସ୍ୱର ଶୁଣୁଛି, ଅଥଚ ତୁମକୁ ଦେଖିବାକୁ ପାଉନାହିଁ କାହିଁକି ?' ନେପଥ୍ୟ ବାଣୀ ସୁଧାଂଶୁ ଦେଖା କହିଲେ, 'ତୁମେ ମୋତେ ଦେଖି ଭୟ କରିବ ନାହିଁ ତ ?' ନଳମାକାନ୍ତ କହିଲେ, 'ତୁମକୁ ଦେଖି ଯଦି ଭୟ ପାଇବି ତେବେ ସୁଖୀ ହେବ କାହାକୁ ଦେଖି ?'

କିଛି ସମୟ ପରେ ନଳମାକାନ୍ତଙ୍କ ସମ୍ମୁଖରେ ଜୀବନ୍ତା ସୁଧାଂଶୁ ବାଳାଙ୍କ ପରି ସ୍ପଷ୍ଟ ରୂପରେ ବିଦେହୀ ଠାକୁରାଣୀଙ୍କ ମୂର୍ତ୍ତି ଫୁଟି ଉଠିଲା । ନଳମାକାନ୍ତ ମୂର୍ତ୍ତି ଦେଖି କହିଲେ ଏଠାକୁ ଆସି ବସ,

ଦୂରରେ ଠିଆ ହୋଇଛ କାହିଁକ ? ସ୍ୱାମୀଙ୍କ ଅଜ୍ଞାନ ନମେ ସଞ୍ଚା ଆସି ନଳମାକାନ୍ତଙ୍କ ବାମ ବଗରେ ଉପବେଶନ କଲେ । ନଳମା-କାନ୍ତ ବସ୍ତୁତଃ ସନ୍ଦେହାମ୍ନା ହୋଇ କେବଳ ଗୃହିଁ ରହିଛନ୍ତି । ଏହା କଣ ସତ ନା ସ୍ୱପ୍ନ କିଛି ଉପଲବ୍ଧି କରି ପାରିଲେ ନାହିଁ ।

ମୋଟାମୋଟି ଭାବରେ ଜଣାଯାଏ, ପରବର୍ତ୍ତୀ କାଳରେ ଠାକୁର କାହା ନକଟରେ ମଧ୍ୟ ସଜ୍ଞନରେ ଏହି ଅଦ୍ଭୁତ ଅବଶ୍ୱାସ୍ୟ ଘଟଣା ଗୁଡ଼ିକ ପ୍ରକାଶ କରୁ ନଥିଲେ । ସାଧାରଣଙ୍କ ପକ୍ଷରେ ଏହି ଘଟଣା ଗୁଡ଼ିକ ସ୍ୱ ଚକ୍ଷୁରେ ନ ଦେଖିଲେ ସତ୍ୟ ବୋଲି ବଶ୍ୱାସ କରିବା କଠିନ । କନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ସମଗ୍ର ଜୀବନଟି ଅଲୌକିକତା ଓ ଅପ୍ରାକୃତତାରେ ପରପୂର୍ଣ୍ଣ । ତାଙ୍କୁ ସଦ୍‌ଗୁରୁ ବୋଲି ଯେଉଁମାନଙ୍କ ଧାରଣା ଆସିଯାଇଛି ସେହିମାନଙ୍କ ନକଟରେ ତାଙ୍କର କୃପାରୁ ହିଁ ତଥ୍ୟ ଗୁଡ଼ିକ ଅବଶ୍ୱାସ ନୁହେଁ । ଆମ୍ଭମାନଙ୍କ ଠାକୁରଣୀ ମଧ୍ୟ ଯେ କ ରହି ଥିଲେ, ଏହି ଘଟଣାଟି ତାହାର ପ୍ରମାଣ ସ୍ୱରୂପ ।

ମାଁ କହିଲେ, 'ତୁମେ ମୋର ଶ୍ରାଦ୍ଧ କରିବ ନାହିଁ ?' ଠାକୁର ଉତ୍ତର ଦେଇଥିଲେ 'କାହିଁକ ବାବା ତ କରିବେ । ତାଙ୍କୁ ଘର ଦେଇ ଆସିଛି ।' ଲୋକାନ୍ତରିତା ସୁଧାଂଶୁ ଦେବୀ କାଧାଦେଇ କହିଲେ 'କନ୍ତୁ ତୁମେ ଶ୍ରାଦ୍ଧ କଲେ ମୋର ଯେଉଁ ତୃପ୍ତି ହେବ, ଅନ୍ୟ କେହି କଲେ ସେପରି ହେବ ନାହିଁ ।' ବ୍ୟଥିତ ହୋଇ ନଳମାକାନ୍ତ କହିଲେ 'ତେବେ ପୂର୍ବରୁ କାହିଁକି କହିଲ ନାହିଁ ? କାଲି ଯେ ଶ୍ରାଦ୍ଧର ତାରିଖ । ବର୍ତ୍ତମାନ ଏତେ ଘରେ ମୁଁ କପରି କଣ ବ୍ୟବସ୍ଥା କରିବ ?'

ବଦେଶ୍ୱୀ ଅଲ୍ପ ଭାବ କହିଲେ 'ତୁମକୁ କଛି କରିବାକୁ ଦେବ ନାହିଁ । ତୁମର ଯାହା ଇଚ୍ଛା ତାହା ଆଣି କାଲି ମୋତେ ଦଅ । ମୁଁ ସେଥିରେ ହିଁ ତୃପ୍ତି ପ୍ରାଇବ ।' ବାକ୍ୟଟି ଶେଷ ହେବା ସଙ୍ଗେ ସଙ୍ଗେ ବଦେଶ୍ୱୀ ମାଁ ପୃଣ୍ଡ ଶୂନ୍ୟରେ ଲୀନ ହୋଇଗଲେ । ସ୍ତବ୍ଧ, ହତବୁଦ୍ଧି ଓ ଅଚ୍ଛଶପ୍ଟ ବସ୍ତିଚ ନଳମାକାନ୍ତ ନଶ୍ଚଳ ପଥର ପରି ବସି ରହିଲେ ।

ବଚ୍ଛଣାରେ ସାଗ ଘଣି ପଡ଼ ରହିଲେ ମଧ୍ୟ ଜଡ ଆସିଲ ନାହିଁ । ଯଦି ଆଉ କଛି ସମସ୍ତ ପରଲୋକଗତା ଠାକୁରଣୀ ରହିଥାଆନ୍ତେ, ତେବେ ତାଙ୍କୁ କେତେ କଣ ପ୍ରଶ୍ନ କରିପାରି-ପାରିଥାନ୍ତା । ସେତେବେଳେ ଠାକୁରଙ୍କର ଏହି କଥା କେବଳ ମନରେ ଜାଗିବାକୁ ଲାଗିଲ । କୌଣସି ପ୍ରକାରେ ବନଦ୍ରା ରାତ୍ରି କଟାଇ ପ୍ରଭାତରୁ ଶଯ୍ୟାତ୍ୟାଗ କରି ଗଙ୍ଗାରେ ସ୍ନାନ ସାରି ଦୁଇ ଟଙ୍କା ନେଇ ବଜାରକୁ ଗଲେ । ଯେଉଁସବୁ ମିଠେଇ ସୁଧାଂଶୁବାଳା ଜୀବଚାବସ୍ଥାରେ ପସନ୍ଦ କରୁଥିଲେ, ସେଥିରୁ ହିଁ କଛି ତାଙ୍କୁ ଖୁଆଇବା ପାଇଁ ନଳମାକାନ୍ତଙ୍କ ଇଚ୍ଛା ଜାଗିଥିଲା । କନ୍ତୁ ହାୟ ! କେବେ ତ କଛି ତାଙ୍କୁ ଦେଇନାହିଁ । ତେବେ କେଉଁଦିନ ସେ କଣ ଚାହିଁଥିଲେ ଏବଂ ତାହା ସେ ପ୍ରଦାନ କରିଥିଲେ, ସେହି ସମସ୍ତ ବିଷୟ ଭାବ ଭାବ ବିଷଣ୍ଣ ନଳମାକାନ୍ତ ବଜାରରୁ ଦେଖାଙ୍କ ସବୁରକମ ପ୍ରିୟ ଆଦ୍ୟାପ୍ୟ ଦ୍ରବ୍ୟ କଛି କଛି କିଣିନେଲେ । ଘରକୁ ଫେରି କପରି କେଉଁ ଭାବରେ କଣ କରିବା ଉଚିତ କଛି ଠିକ୍ କରି ନପାରି ଗୃହର ଗୋଟିଏ ସ୍ଥାନ ଝାଡ଼ି ଜଳ ସିଞ୍ଚି ସାଧ୍ୟମତ ପରିଷ୍କାର କରି ଗୋଟିଏ ଉତ୍ତମ ଆସନ ବିଛାଇଲେ । ଗ୍ଲାସରେ ଜଳଦେଇ ଗୋଟିଏ ସ୍ୱଚ୍ଛ ନର୍ମଳ ପାତ୍ରରେ ଖାଇବା ଦ୍ରବ୍ୟଗୁଡ଼ିକ ସଜାଇ ଦେବତାଙ୍କୁ ଭୋଗ

ଦେବା ପର ସନ୍ତର୍ପଣରେ ଆସନ ସାମନାରେ ରଖି ମନେ ମନେ ସୁଧାଂଶୁବାଳାଙ୍କ ଉଦ୍ଦେଶରେ ସେଗୁଡ଼ିକ ସମର୍ପଣ କଲେ । ନଜେ ଉପବାସୀ ପୂଜାର୍ଥୀଙ୍କ ପରି ଅଳ୍ପ ଦୂରରେ ବସି ବ୍ୟଗ୍ର ଚତ୍ତରେ ଥରକୁ ଥର 'ମୋର ଏହି କ୍ଷୁଦ୍ର ଉପହାର ତୁମେ ଗ୍ରହଣ କର' ଏହିପରି ଭାବବାକୁ ଲାଗିଲେ । ମନରେ ଭାବନା ଥିଲା ଗଡ ଘଣ୍ଟିର ପରି ଅଳ୍ପ ସମୟ ପରେ ବଦେଖୀ ମୂର୍ତ୍ତି ଡୋଇ ଆସନରେ ଉପବେଶନ କରି ଗ୍ରହଣ କରିବେ ।

କନ୍ତୁ ଇତ୍ତମଧ୍ୟରେ ପ୍ରାୟ ଦୁଇଘଣ୍ଟା କଟିଗଲା । ତେବେ ସୁଦ୍ଧା କାହାର ଦେଖା ମିଳିଲା ନାହିଁ । କ୍ଷୁବ୍ଧ ଚତ୍ତରେ ନଳମାକାନ୍ତ ଭାବିଲେ, 'ଗଡ ଘଣ୍ଟିରେ ଯାହା ଦେଖିଛି ତାହା ସବୁ ମୋର ଉତ୍ତ୍ରଚନ୍ତାର ଫଳ । ବାପୁକୁପିତ ହେବାରୁ ସ୍ୱପ୍ନ ଦେଖିଛି । ଉତ୍କଟ ରୋଗ ବକାରରେ ଯେପରି ମନୁଷ୍ୟ କେତେ କଣ ଦେଖି ଶୁଣୁଛି । ସେହିପରି ମୁଁ ମଧ୍ୟ ଶୋକାତ୍ତସ୍ତ ହୋଇ ଯାହା ତାହା ଦେଖିଗଲି । ମୃତ ମଣିଷ କେବେ ଫେରି ଆସିବା କଏ କଣ ଦେଖିଛି ? ଯଦି ତାହା ହୁଏ ତେବେ ମୋର ଗର୍ଭଧାରିଣୀ ମା ମଧ୍ୟ ଆସି ମୋତେ ଦେଖାଦେଇ ନଥାନ୍ତା ନା କଣ ? ମିଛଟାରେ ଟଙ୍କା ଚଟ କର ଏହିସବୁ କଣିଲା । ଠିକ୍ ଅଛି, ତାହାହେଲେ ଏହିସବୁ ଖାଇବା ଜନତ ମୁଁ ନଜେ ଖାଇଦେବ । ମୋର ଦୁବଳ ମନକୁ ବର୍ତ୍ତମାନ ଶାସନର ପ୍ରଯୋଜନ ।' ଆଶାରେ ନଘଶା ହୋଇ ଭକ୍ତି-ଚତ୍ତରେ ନଜେ ଆସନରେ ଉପବେଶନ କରି ହାତ ବଢ଼ାଇ ଗୋଟିଏ ଖାଇବା ପାଇଁ ଉଠାଇବା ମାତ୍ରକେ ଅଘଟଣ ପରିସ୍ଥିତି ଘଟିଗଲା । 'ଛି ଛି ! ଏହା କଣ କରୁଛୁ ।' ବୋଲି ହଠାତ୍ ଗଡଘରୁ ପଟ୍ଟମୂର୍ତ୍ତି ବଗ୍ରହ ନେଇ ଠାକୁରଣୀ ଆସି ନଳମାକାନ୍ତଙ୍କ ହାତକୁ

ଝାଣ୍ଟିଧର ବାଧାଦେଲେ । ବମୂଢ଼ାଭଳି ନଳମାକାନ୍ତ ତ୍ୟାଗ କରି କହିଲେ 'ତୁମେ ତ ଖାଇଲ ନାହିଁ, ତେଣୁ ମୁଁ ଖାଇବାକୁ ଯାଉଥିଲି ।'

'ମୁଁ ଯେ ସବୁ ଖାଇଅଛି, କଣ ମୋର ଉଚ୍ଛିଷ୍ଟ ଖାଇବ ?' 'ଖାଇଛ କପର ? ଏତେ ସମୟ ଧର ବସିଅଛ, କାହିଁ ତୁମକୁ ତ ଖାଇବାର ଦେଖିଲି ନାହିଁ ?'

ଠାକୁରଣୀ ଗମ୍ଭୀର କଣ୍ଠରେ କହିଲେ, 'ମୃତ୍ୟୁ ପରେ ମଣିଷର ସ୍ଥୂଳଦେହ ନଷ୍ଟ ହୋଇଯାଏ । କନ୍ତୁ ଆତ୍ମାର ମୃତ୍ୟୁ ହୁଏ ନାହିଁ । ଏଣୁ ସୂକ୍ଷ୍ମ ଦେହରେ ଅତ୍ମାର ଅସ୍ତିତ୍ୱ ଥାଏ । ସେହି ସମୟରେ ସ୍ଥୂଳ ଜଗତର କୌଣସି ଦ୍ରବ୍ୟ ସେ ସ୍ଥୂଳ ଭାବରେ ଗ୍ରହଣ କରିପାରେ ନାହିଁ । ସୂକ୍ଷ୍ମ ଦେହରେ ଜଡ଼ବସ୍ତୁର ସୂକ୍ଷ୍ମାଂଶ ଗ୍ରହଣ କରେ ମାତ୍ର । ଏହି ଖାଇବା ଦ୍ରବ୍ୟଗୁଡ଼ିକ ଯେତେବେଳେ ତୁମେ ମୋତେ ସମର୍ପଣ କଲ ସେତେବେଳୁ ହିଁ ତାହାର ସୂକ୍ଷ୍ମାଂଶ ମୁଁ ଗ୍ରହଣ କରିସାରିଛି । ତେଣୁ ଏହା ସବୁ ମୋର ଭୁକ୍ତାବଶେଷ ।'

ହତଚକିତ ନଳମାକାନ୍ତ ପ୍ରଶ୍ନ କଲେ, 'ତାହାହେଲେ ଏ ଗୁଡ଼ିକ ସବୁ ବର୍ତ୍ତମାନ କଣ କରିବି ?' ଦେଖା କହିଲେ 'ତାହାସବୁ ନେଇ ଗଙ୍ଗାରେ ଫିଙ୍ଗିଦିଅ ।' ପରକ୍ଷଣରେ ଅଭାବିତ ଘଟଣା ଓ କଥୋପକଥନରେ ଅଭିଭୂତ ନଳମାକାନ୍ତଙ୍କ ଚକ୍ଷୁ ସାମନାରେ ମାଁ ଠାକୁରଣୀ ଅନ୍ତର୍ହିତା ହୋଇଗଲେ ।

ପରଲୋକ ନାହିଁ, ମୃତ୍ୟୁ ପରେ ମନୁଷ୍ୟର ଅସ୍ତିତ୍ୱ ରହେ ନାହିଁ । ସୁତରାଂ ହିନ୍ଦୁର ଏହି ଅନ୍ତ୍ୟେଷ୍ଟିକ୍ରିୟା ଶ୍ରାଦ୍ଧତର୍ପଣାଦି ସବୁ ନିରର୍ଥକ ଅନୁଷ୍ଠାନ—ଏହା ଥିଲା ଯୁକ୍ତିବାଦୀ ନଳମାକାନ୍ତଙ୍କ ବିଶ୍ୱାସ ।

ଏହି ଧରଣର ଚରମ୍ଭେକ ଅବଶ୍ୱାସୀ କେବଳ ଇନ୍ଦ୍ରସର୍ବସ୍ୱ ଜଡ଼ବାଦୀ ନୁହେଁ ପ୍ରକୃତ ନାସ୍ତିକ—ଏହି କଥା ସଦ୍‌ଗୁରୁ ଜଗମାନନ୍ଦ ଅନେକ ଥର ଉପଦେଶ ବାଣୀ ଓ ଚଠିପତ୍ରରେ ସମସ୍ତଙ୍କୁ ପ୍ରକାଶ କରିଛନ୍ତି । ନଳମାକାନ୍ତଙ୍କ ସେହି ନାସ୍ତିକ ବୁଦ୍ଧି ମୂଳରେ କୁଠାରା-ଘାତ କରି ପ୍ରଥମ ଥର ପାଇଁ ମାଁ ଠାକୁରାଣୀ ତାଙ୍କର ଚକ୍ଷୁ ଖୋଲି ଦେଇଥିଲେ ଏବଂ ଆଧ୍ୟାତ୍ମ ରାଜ୍ୟର ଦ୍ୱାର ଦେଖାଇ ଦେଇ ପଥ-ପ୍ରଦର୍ଶକ ହୋଇଥିଲେ । ଏହି ଘଟଣା ପର ଠାରୁ ନଳମାକାନ୍ତଙ୍କ ସମସ୍ତ ଭାବନାରଧାରା ଆମୂଳ ପରିବର୍ତ୍ତିତ ହୋଇଗଲା ।

ଖାଦ୍ୟଦ୍ରବ୍ୟ ଗୁଡ଼ିକ ଗୋଟିଏ ପାତ୍ରରେ ଭର୍ତ୍ତି କରି ପତ୍ନୀଙ୍କ ନିର୍ଦ୍ଦେଶମତେ ନଳମାକାନ୍ତ ଚାଦ୍ଦା ନେଇ ଗଙ୍ଗାନଦୀରେ ନଅଣ୍ଡିଚ କଲେ । ତା ପରେ ଭାବିବାକୁ ଲାଗିଲେ, ମୃତ୍ୟୁ କଣ ? ପରଲୋକ କେଉଁଠାରେ, ମୃତର ଅସ୍ତିତ୍ୱ ଯଦି ଥାଏ ତେବେ ଚାଦ୍ଦା ସହିତ ଯୋଗାଯୋଗର ପଥ କଣ ? ପ୍ରଥମେ ଏହି ସବୁ ଅନୁସନ୍ଧିତ୍ସା ଜାଗିଥିଲା କୋଲି ହିଁ ନଳମାକାନ୍ତ ଚଟ୍ଟୋପାଧ୍ୟାୟ ଭବିଷ୍ୟତରେ ଆମ୍ଭମାନଙ୍କ ଠାକୁର ହୋଇ ପ୍ରସ୍ଫୁଟିତ ହୋଇ ପାରିଥିଲେ । ଡେଣ୍ଡୁ କାର୍ଯ୍ୟତଃ କୁହାଯାଇ ପାରେ ମାଁ ଠାକୁରାଣୀ ହିଁ ନେପଥ୍ୟରେ ରହି ସଦ୍‌ଗୁରୁଙ୍କର ମହାଜୀବନକୁ ନିମେ ନିମେ ସହସ୍ର ଦଳରେ ଫୁଟାଇ ତୋଳିଥିଲେ ।

ଉନ୍ନତ ସାଧନା ଦ୍ୱାରା ସମସ୍ତ ପ୍ରଶ୍ନର ମୀମାଂସା ନହେବା ଦେଖି ଠାକୁର ସନ୍ନ୍ୟାସ ପଥରେ ଚାଲିଗଲେ । ତାଙ୍କ ମନରେ ଘର ଛାଡ଼ି ଚାଲିଯିବା ଯେଉଁ ସଂକଳ୍ପ ଜାଗି ଉଠିଥିଲା ଚାଦ୍ଦା ସେ କାହାକୁ କହି ନାହାନ୍ତି । କେବଳ ବାଲ୍ୟବନ୍ଧୁ ଯଦୁଗୋପାଳର ଯେତେବେଳେ ସାକ୍ଷାତ ହୋଇଥିଲେ 'କେବେ ଫେରିବୁ ନଳିନୀ ?' ବୋଲି । ତାର

ଉତ୍ତରରେ ଠାକୁର କହିଥିଲେ 'ଯଦି କେବେ ମଧ୍ୟ ତୋର ନୂଆ ବୋହୂକୁ ପୂର୍ବଚର ପୁଣି ଫେର ପାଇବ ତେବେ ଯାଇ ଫେରିବ, ନଚେତ୍ ଏହି ଦେଲ ଶେଷ ।' କୁଚବପୁରରେ ଯଦୁବାବୁଙ୍କ ସମ୍ବନ୍ଧ ସମସ୍ତ ବନ୍ଧୁମାନଙ୍କ ଠାରୁ ଅତ୍ୟଧିକ ଆନ୍ତରିକତା ଠାକୁରଙ୍କର ଥିଲା । ଶେଷ ବୟସରେ ଯଦୁବାବୁ କଠିଣ ରୋଗାକ୍ରାନ୍ତ ହୋଇ ଆସ୍ପାନ ମଠରେ ତାଙ୍କ ବନ୍ଧୁ (ଠାକୁର)ଙ୍କ ନିକଟକୁ ଯାଇ ଆଶ୍ରୟ ନେଇଥିଲେ । ମଠରୁ ଫେରିବାର ଅଳ୍ପଦିନ ପରେ ତାଙ୍କର ଦେହାନ୍ତ ଘଟିଥିଲା । ନଳମାକାନ୍ତ 'ଠାକୁର' ହେବା ପରେ ମଧ୍ୟ ଯଦୁବାବୁଙ୍କର ବନ୍ଧୁତ୍ୱ ଅତୁଟ ରହିଥିଲା ।

ଯଦି ମାଁ ଠାକୁରାଣୀ ତାଙ୍କର ନିର୍ମଳ ଉଜ୍ୱଳ ସଞ୍ଚିତଉର ପ୍ରେମ ମାଧୁର୍ଯ୍ୟରେ ଠାକୁରଙ୍କୁ ବିମୁଗ୍ଧ କରି ନ ପାରିଥାନ୍ତେ, ତେବେ ହୁଏତ ଜନ୍ମ-ଜନ୍ମାନ୍ତରର ମୁମୂକ୍ଷୁ ନଳମାକାନ୍ତ ଚଞ୍ଚଳ-ପାଧ୍ୟାୟ ସ୍ୱୀୟ ସଂବେଗରେ ଏହି ଜନ୍ମରେ ବନେ ନିର୍ବିକଳ୍ପକୁ ଗୁଲିଯାଇଥାନ୍ତେ । ଜଗତ ପୁଣି ତାଙ୍କୁ ଆଉ ଫେରି ପାଇପାରି ନ ଥାନ୍ତା । କାନ୍ତୁ ଜଗଦ୍ଧିଶ୍ୱରୀ ସୁଧାଂଶୁବାଳା ରୂପରେ ତାଙ୍କୁ ନିରନ୍ତର ଆକର୍ଷଣ କରି ବାନ୍ଧି ରଖିଥିଲେ । ଠାକୁର ନିଜେ ଲେଖିଛନ୍ତି ଜ୍ଞାନ ସିଦ୍ଧ ସଚ୍ଚିଦାନନ୍ଦଜୀଙ୍କ ମୁଖରୁ 'ଜଗତ୍ ମିଥ୍ୟା' ଏହି ବେଦାନ୍ତ ସିଦ୍ଧାନ୍ତ ଶୁଣି ଏବଂ ସର୍ବଦା ନଡ଼ାବାକ୍ୟ ବିଚାର କରିବା ପରେ ମଧ୍ୟ ହଠାତ୍ ବନେ ସନ୍ଧ୍ୟାରେ ପୂର୍ବଜୀବନ ଓ ପତ୍ନୀ ପ୍ରେମର ମଧୁର ସ୍ମୃତି ତାଙ୍କୁ ଆତ୍ମହରା କରି ଦେଇଥିଲା । ଏହିପରି ବିପର୍ଯ୍ୟସ୍ତ ଅବସ୍ଥାରେ ହିଁ ସେ ଯୋଗୀବର ସୁମେରୁ ଦାସଜୀଙ୍କ ଦେଖା ପାଇଥିଲେ ଏବଂ ନୈପଥ୍ୟରେ ମାୟାପାଶ ଛିନ୍ନ କରି ମୁକ୍ତି ନିର୍ବାଣ ଲଭ ସଂକଳ୍ପରେ ଦୃଢ ନିଶ୍ଚୟ ହେଲେ । ଶ୍ରୀଶ୍ରୀ ନିଗମାନନ୍ଦଜୀଙ୍କ

ହୃଦୟ ଆତ୍ମସାକ୍ଷାତ୍‌କାର ଫଳରେ ଶୂନ୍ୟ ହୋଇଗଲା । ତାଙ୍କ ଠାରେ ଯେଉଁ ଈଶ୍ୱର ଦର୍ଶନ ହୋଇଥିଲା ବା ସେହି ପରଲୋକରୁ ଫେରି ଆସିଥିବା ପ୍ରେମିକା ପତ୍ନୀ କାହାନ୍ତି ? ଏବଂ କେଉଁଠାରେ ତାର ସ୍ୱଚନ୍ତ ଅସ୍ତିତ୍ୱ ? ଏକ ଆତ୍ମା ହିଁ ଈଶ୍ୱରଙ୍କୁ ଯୁଡ଼ାଇ ରହିଅଛି ଏବଂ ସମସ୍ତ ସେହି ଆତ୍ମଶକ୍ତିର ହିଁ ସ୍ମରଣ । ଜଗତରେ ଗୋଟିଏ ମାତ୍ର ସ୍ୱପ୍ନ ଛଡ଼ା ଆଉ କଣ ହୋଇପାରେ ?

ନେପଥ୍ୟରେ ରହି ବ୍ରହ୍ମମତ୍ତୀ ହସୁଥିଲେ । କାରଣ ସେ ଜାଣନ୍ତି ସୁଧାଂଶୁବାଳା ମିଥ୍ୟା ନୁହନ୍ତି କି ଗୁପ୍ତା ନୁହନ୍ତି, ତାଙ୍କର ହିଁ ଏକ ପ୍ରତିରୂପ କଣ୍ଠାଙ୍କ ଈଶ୍ୱରଙ୍କ ବିଳାସ । ତତ୍ତ୍ୱତଃ ଏହା ଜାଣିବା ନମିତ୍ତ ଶ୍ରୀ ଭଗମାନଙ୍କ ନିର୍ବିକଳ୍ପକୁ ଯିବା ପ୍ରୟୋଜନ ।

ସେତ୍ତା ହିଁ ହେଲା । ନିର୍ବିକଳ୍ପରୁ ବ୍ୟୁତ୍ଥିତ ହେବାକୁ ପଡ଼ିଲା ଶ୍ରୀ ଭଗମାନଙ୍କୁ । କଏ ଫେରାଇଲା ? ଏହା ଗୋଟିଏ ପ୍ରଶ୍ନ । ଦ୍ୱିତୀୟ ପ୍ରଶ୍ନ ହେଲା ଆତ୍ମଦର୍ଶନ ଓ ବ୍ରହ୍ମତତ୍ତ୍ୱ ଜାଣିବା ପରେ ମଧ୍ୟ ପ୍ରାଣର ହାହାକାର ମେଣ୍ଟି ନାହିଁ କାହିଁକି ?

(ଜୀବନୀ ବାଣୀ, ପୃ-୨୧୧)

ଠାକୁର କାଶୀରେ ଜଗଜ୍ଜନନୀଙ୍କ ପ୍ରତ୍ୟାଦିଷ୍ଟ ହୋଇ ଭକ୍ତ ସାଧନା ନମିତ୍ତ ଗୌରୀମାଁଙ୍କ ନକଟକୁ ଗଲେ । ଏହି ଥର ତାଙ୍କର 'ବ୍ରହ୍ମଦର୍ଶନ' ହେଲା । ତାପରେ ସେ କହିଛନ୍ତି ବ୍ରହ୍ମଙ୍କ ଦର୍ଶନ ଏବଂ ତାଙ୍କୁ ନ ପାଇବା ପର୍ଯ୍ୟନ୍ତ ପ୍ରାଣର ହାହାକାର ମେଣ୍ଟେ ନାହିଁ । ଏହି ବ୍ରହ୍ମଦର୍ଶନ ଅର୍ଥ ସଚ୍ଚିଦାନନ୍ଦଘନ ବିଗ୍ରହ ଦର୍ଶନ । ଏହା ହିଁ ହେଲା ଠାକୁରଙ୍କର ଭଗବାନ ବା ସଗୁଣ ବ୍ରହ୍ମ ଲଭ । ତାଙ୍କୁ ଦର୍ଶନ କରିବା ମାନକେ ମାଁ-ଠାକୁରାଣୀଙ୍କ ଛତ୍ର ମଧ୍ୟ ଠାକୁର ଜାଣିପାରି-

ଥିଲେ ଏବଂ ସେତେବେଳେ ଠାକୁର ପୂର୍ଣ୍ଣତ୍ୱ ପ୍ରାପ୍ତ ହେଲେ । କାରଣ ପର ଅବର ସମସ୍ତ—ପରବର ବ୍ରହ୍ମ ହୋଇଗଲେ ।

ସାଧୁ ଓ ଶାସ୍ତ୍ର ବାକ୍ୟରୁ ଶୁଣିଛୁ ଈଶ୍ୱରଙ୍କୁ ଯେ ଦର୍ଶନ କରନ୍ତି, ଆଳାପାଦ କରନ୍ତି ଏବଂ ବ୍ରହ୍ମାନନ୍ଦ ସମ୍ଭୋଗ କରନ୍ତି ସେ ହିଁ 'ବଜ୍ଞାନ' । ତେଣୁ ପୂର୍ବ ପରଚ୍ଛେଦର ବର୍ଣ୍ଣନାନୁଯାୟୀ ଆମ୍ଭମାନଙ୍କ ଠାକୁର ମଧ୍ୟ ବଜ୍ଞାନ ଭୈରବ । ସେ ବ୍ରହ୍ମଙ୍କୁ ସଗୁଣ-ନର୍ଗୁଣରେ ଜାଣି ବୁଝିପାର ନଜେ ମଧ୍ୟ ବ୍ରହ୍ମ ସ୍ୱରୂପ ହୋଇ ଯାଇଛନ୍ତି । ଶବ୍ଦ ଯେପରି ସିନ୍ଧୁରେ ଲୟ ହୋଇଯାଏ । ସେହିପରି ଠାକୁରଙ୍କ ବ୍ୟକ୍ତସତ୍ତା ବ୍ରହ୍ମସତ୍ତାରେ ନମଜ୍ଜିତ । ଯେପରକି ବ୍ରହ୍ମ କେବଳ ନର୍ଗୁଣ ନୁହନ୍ତି ସେ ଯୁଗପତ୍ ନର୍ଗୁଣ ଓ ସଗୁଣ, ପୁରୁଷ ଓ ପ୍ରକୃତ୍ତ, ଠିକ୍ ସେହିପରି ଶ୍ରୀ ନଗନାନନ୍ଦ ମଧ୍ୟ ନଳନୀକାନ୍ତ ଓ ସୁଧାଂଶୁବାଳା ରୂପରେ ଶକ୍ତିମାନ୍ ଓ ଶକ୍ତିର ସମନ୍ୱୟ ବଗ୍ରହ । ମାଁ-ଠାକୁରଣୀଙ୍କ ବୈଷ୍ଣବାସତ୍ତା ଚତ୍ତ୍ୱଃ ମହାଶକ୍ତିଙ୍କ ସତ୍ତାରେ ବଧୃତ । ଶ୍ରୀ ଶ୍ରୀ ଠାକୁରଙ୍କ ସିଦ୍ଧବଦ୍ୟା ଏଥି ନମିତ୍ତ ଚରଦନ ଛାଙ୍କୁ ଠାକୁରଣୀଙ୍କ ମୁଁରେ ଦେଖାଦେଇଛନ୍ତି ।

ଗାରେହିଲ ଯୋଗାଶ୍ରମରେ ବ୍ରହ୍ମମୟୀ ଠାକୁରଙ୍କୁ କେବଳ ମାଁ-ଠାକୁରଣୀଙ୍କ ରୂପ ଧାରଣ କରି ଦେଖା ଦେଇଥିଲେ ତା ନୁହେଁ ଏକ୍‌ବାରେ ସ୍ଥୂଳ ସୁଧାଂଶୁବାଳାଙ୍କ ବଗ୍ରହ ଧାରଣ କରି ଭଗବାନଙ୍କ 'ବାଞ୍ଛା କଲ୍ପତରୁ' ନାମ ସାର୍ଥକ କରିଥିଲେ । ତାର ପାଁଚବେ ମହାଦେବୀଙ୍କୁ ପତ୍ନୀଙ୍କ ମୂର୍ତ୍ତୀରେ ଦେଖିବା ପରେ ଏହା ଠାକୁରଙ୍କ କାମ୍ୟ ଥିଲା । ଶ୍ରାଦ୍ଧ ତଥିର ପ୍ରାକ୍‌କାଳରେ ଓ ଶ୍ରାଦ୍ଧ ବବସରେ ଯାହା ସେ ଦେଖିଥିଲେ ପୁଣି ତାହା ଦେଖିବାକୁ ପାଇଲେ ନାହିଁ କାହିଁକି ? ଏହା ଥିଲା ତାଙ୍କର ଖେଦ । ସେ ଜାଣି ନଥିଲେ ଯେ

ତାଙ୍କୁ ଚନ୍ଦ୍ରପ୍ତ ସ୍ୱରୂପରେ ପ୍ରତିଷ୍ଠିତ ନ କରିବା ପର୍ଯ୍ୟନ୍ତ ଚନ୍ଦ୍ରପ୍ତୀ ସମ୍ପୂର୍ଣ୍ଣ ଧରା ଦେଲେ ନାହିଁ ବୋଲି ତାଙ୍କର ଆଶା ମେଣ୍ଟି ନଥିଲା । ମାନଙ୍କ ସୁଧାଂଶୁବାଳା ଯେ ଛତ୍ରଛଃ ମହାଦେଓଙ୍କ ଗୁପ୍ତା, ତାହା ଆତ୍ମବତ୍ ଓ ବ୍ରହ୍ମବତ୍ ଶ୍ରୀ ନଗମାନନ୍ଦ ଜାଣିଥିଲେ । ଏହିଥର ତାହା ହିଁ ମହାଦେଓ ତାଙ୍କ ଆକାଂକ୍ଷା ପୂରଣ କଲେ । ପୁଣି ତାଙ୍କ ନକଟରୁ ଗୁରୁଗିରର ପ୍ରେରଣା ପାଇ ଠାକୁର ଲୋକାଳୟକୁ ଓହ୍ଲାଇ ଆସି ବ୍ରହ୍ମବଦ୍ୟା ପ୍ରଚାରରେ ବ୍ରତୀ ହେଲେ ।

୧୩୨୦ ସାଲରେ ଜନ୍ମଭୂମି ଦର୍ଶନ ସମୟରେ ଜନେ ଠାକୁର ଯଦୁ ଓ ଭୂତନ୍ତ ଏବଂ ଯୋଗାନନ୍ଦଜୀଙ୍କୁ ନେଇ କୁଚବପୁର ଶ୍ମଶାନରେ ମାଁ-ଠାକୁରାଣୀଙ୍କ ଦାହସ୍ଥଳୀକୁ ଯାଇଥିଲେ । ସେହି ଜନ ଭାବବିହ୍ୱଳ ହୋଇ ଠାକୁର ଯାହା କହିଥିଲେ । ଶ୍ରୀମତ୍ ଗମାନନ୍ଦଜୀ ତାକୁ ଉଲ୍ଲେଖ କରିଛନ୍ତି । ଯୋଗାନନ୍ଦଜୀ ଲେଖିଛନ୍ତି ଠାକୁର ତାପରେ ଆମ୍ଭମାନଙ୍କୁ ଉଦ୍ଦେଶ୍ୟ କରି କହିଲେ—

'ମୁଁ ତାର ରୂପରେ ନୁହଁ ଗୁଣରେ ମୁଗ୍ଧ ଥିଲା । ପ୍ରାପ୍ତ ସାଗ ରତ୍ତ ବସି ମୋର ସେବା କରୁଥାଏ । ମୁଁ କହିଲେ ଶୋଇ ପଡ଼େ, ପୁଣି ମୋତେ ନଦ ହୋଇଗଲେ ଉଠି ସେବା କରୁଥାଏ । ଯେତେବେଳେ ମୁଁ ବଦେଶରେ ରହୁଥିଲ ମୁଣ୍ଡବାଳରେ ତେଲ ଦେଉ ନଥିଲ, ମଳନ ବସ୍ତରେ ହିଁ ରହୁଥିଲ । ମୁଁ ଘରକୁ ଆସି କାରଣ ଜିଜ୍ଞାସା କଲେ କହୁଥିଲ—କୁହତ ! କାହା ନମିତ୍ତ କରିବ ?'

ସେହିଥର କୁଚବପୁରରେ ଠାକୁରଙ୍କର ମୁହ୍ମୁର୍ହଃ ସମାଧି ହୋଇ ଯାଉଥିଲା । ମହାଦେଓ ମାଁ-ଠାକୁରାଣୀଙ୍କ ରୂପ ଧରି ଥରକୁ ଥର ଆସି ଠାକୁରଙ୍କୁ ଦେଖା ଦେଉଥିଲେ ।

ସେହିଭଳି ଅନେକ କଥା ଦୋଳଯାତ୍ରା ସୋମାନଙ୍କ ଉପରେ କରୁଛନ୍ତି । ଗୋଟିଏ ଦିନ ଶୁଖାନକୁ ଯାଇଥିଲେ ସେହିଦିନ ୨୧ ଥର ଓ, ଶାନ୍ତବାଇ ଉପରଓଳା ଥିଲା ।

୧୯୩୩ ସାଲରେ ଗୃହପ୍ରବେଶ ହୋଇଥିଲା ହେଲେ । ସ୍ୱପ୍ନ-ଆଦେଶ ଦୁଇଶ ବର୍ଷ ପରେ ଶ୍ରୀ ଶ୍ରୀ ଠାକୁର ପୁଣି ଫେରିଛନ୍ତି ଭକ୍ତଙ୍କୁ ଗୃହ ମଧ୍ୟରେ ଆସନ ପାଇ । ସେହିଦିନ ଦିପହରେ ଠାକୁରଙ୍କୁ ପୁଣି ବହୁମନ୍ୟୀ ମାଁ-ଠାକୁରାଣୀଙ୍କ ସ୍ଥଳ ବେଦୀ ଧାରଣ କରି ଶୟନ ଗୃହରେ ଦେଖା ଦେଇଥିଲେ । ସାନନ୍ଦ ହୃଦୟରେ ଠାକୁର ଜାଣିବାକୁ ଚାହିଁଲେ 'ଏ କ ଲୀଳା ?' ସହାସ୍ୟରେ ଉତ୍ତରେ କହିଲେ 'ତୁମ ପ୍ରତିଜ୍ଞା ସତ୍ୟ କରିବା ନମିତ୍ତ ଅସିଲ । ଯଦୁନ୍ତି ତୁମେ କହିଥିଲ ନା, ଯଦି ତୋର ନୂଆଘରକୁ କେବେ ମଧ୍ୟ ପୂର୍ବପରି ପୁଣି ଫେରି ପାଏ ତେବେ ଯାଇ ଫେରିବ ! ତୁମେ ଏତେ ଦିନ ପରେ ଗ୍ରାମକୁ ଫେରି ଆସିଲ ତେଣୁ ମୋତେ ମଧ୍ୟ ଆସିବାକୁ ପଡ଼ିଲା ।' ମାଁଙ୍କୁ ଏହିଭଳି ନିକଟରେ ପାଇ ଠାକୁର ବ୍ରହ୍ମାନନ୍ଦରେ ଚକ୍ଷେର ଢୋଇ ସଙ୍ଗେ ସଙ୍ଗେ ସମାଧିସ୍ଥ ହୋଇ ପଡ଼ିଥିଲେ ।

ଏହିପରି ସ୍ଥୂଳ, ସୂକ୍ଷ୍ମ ଓ କାରଣ ଅବସ୍ଥାରେ ଧର୍ମପତ୍ନୀ ମାନସୀ ଏବଂ ପ୍ରିୟା ସ୍ତ୍ରୀ ହୋଇ ଯିଏ ସତ୍‌ଗୁରୁ ଜଗନ୍ନାଥଙ୍କ ଦିବ୍ୟ ଜୀବନର ଶାଶ୍ୱତ ସଙ୍ଗିନୀ, ତାଙ୍କୁ ଅଚିନ୍ତ୍ୟ ଭେଦାଭେଦ ଅନୁଭୂତ ଗୁରୁବ୍ରହ୍ମଙ୍କ ବୈଭବ ପ୍ରକାଶ ଛଡ଼ା ଅନ୍ୟ କିଛି ଭାବିବା ଉଚିତ ନୁହେଁ । ଆମ୍ଭମାନଙ୍କ ପରି ଅଧମ ଅଧିକାରୀମାନଙ୍କୁ ଠାକୁର ମହାଗୁରୁ ତାଙ୍କର ବ୍ୟକ୍ତ ରୂପ ଓ ପ୍ରକଟ ବିଗ୍ରହର ଧ୍ୟାନ ପୂଜାର କରିବାକୁ କହିଛନ୍ତି । ସେହି କ୍ଷେତ୍ରରେ ତାଙ୍କର ଦିବ୍ୟଜୀବନ ମଧ୍ୟ

ଆମ୍ଭମାନଙ୍କ ଅନୁଧ୍ୟାନର ବିଷୟ ଏବଂ ତାହା ଅନୁଧ୍ୟାନ କରିବାକୁ ଗଲାମାତ୍ରେ ଠାକୁରାଣୀଙ୍କ ବିଷୟ ମନେ ପଡ଼ିବା ଅନିବାର୍ଯ୍ୟ ।

ଗୁରୁଧାମ ଆମ୍ଭମାନଙ୍କ ମହାତୀର୍ଥ । କାରଣ ସେଠାରେ ଆମ୍ଭମାନଙ୍କ ଠାକୁର ଓ ଠାକୁରାଣୀ ସ୍ଥୂଳ ଓ ସୂକ୍ଷ୍ମରେ ବିରାଜିତ ଥିଲେ ଏବଂ ଅଛନ୍ତି । ଶ୍ରୀମତ୍ ରାମାନନ୍ଦ ବ୍ରହ୍ମଚାରୀ ଠାକୁର ମହାପୁରୁଷଙ୍କ ସଙ୍ଗ କନିଷ୍ଠ ସୋଦର । ସେ ସଦାସର୍ବଦା ଲକ୍ଷ୍ମଣଙ୍କ ପରି ଆମମାନଙ୍କ ନିକଟରେ ପରିଚିତ । ଗୁରୁଧାମର ଆଦ୍ୟ ସେବାଇତ ଭାବରେ ସେ ଠାକୁରଙ୍କ ଦ୍ୱାରା ଆଦିଷ୍ଟ । ତେଣୁ ଆମ୍ଭେମାନେ ତାଙ୍କ ନିକଟରୁ ନୁହେଁ ତ ଆଉ କାହା ନିକଟରୁ ମାଁଙ୍କ ପରିଚାର୍ଯ୍ୟାନ ପାଆନ୍ତେ ? ଏହି ଅଧିକାର ତାଙ୍କ ଛଡ଼ା ଅନ୍ୟ କାହାର ମଧ୍ୟ ନ ଥିଲା । ତେଣୁ ପରମ ଶ୍ରଦ୍ଧାସ୍ପଦ ରାମାନନ୍ଦଜୀଙ୍କୁ ଶ୍ରୀମତ୍ ଭାଗବତର ଲକ୍ଷଣାନୁଯାୟୀ—'ଭୂରିଦା' ବୋଲି କୃତଜ୍ଞତା ଜଣାଉଛୁ—

ତବ କଥାମୃତଂ ତପ୍ତଜୀବନଂ କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣ ମଙ୍ଗଳଂ ଶ୍ରୀମଦାତତଂ ଭୁବିଗୃଣନ୍ତି ତେ ଭୂରିଦାଜନାଃ ॥

(ଶ୍ରୀମଦ୍ ଭାଗବତ, ଗୋପୀ ଗୀତା)

ହେ ଠାକୁର ! ତୁମ କଥା ହିଁ ଯେ ଆମ୍ଭମାନଙ୍କ ପରି ନିତାପ କ୍ଲିଷ୍ଟ ଜୀବର ଦଗ୍ଧ ହୃଦୟରେ ସୁଧା ସିଞ୍ଚନ କରେ । ତେଣୁ ବ୍ୟାସାଦିଙ୍କ ପରି ବ୍ରହ୍ମର୍ଷିମାନେ ପରବ୍ରହ୍ମଙ୍କ ସୁତ୍ତ ଥରକୁ ଥର କରି ମହାପୁରୁଷ ସଂଜ୍ଞାର ଯଥାର୍ଥ ପଦବାଚ୍ୟ ହୋଇ ପାରିଛନ୍ତି । ନିରାକାର ପରବ୍ରହ୍ମଙ୍କ ଚରିତାବଳୀ ଯେତେ ଶ୍ରବଣ କଲେ ସେତେ

ମଙ୍ଗଳକନକ । ତୁମର ସତ୍‌ପ୍ରସଙ୍ଗର ଏପରି ମହିମା ଯେ, ଯାହା ଶୁଣି ଶୁଣି କାନ ଭରିଯାଏ, ପ୍ରାଣ ଭରି ଉଠେ ଏବଂ ଚଉର ମଇଳା ନଷ୍ଟ ହୋଇଯାଏ । ସୁତରାଂ ଏହି ଜଗତରେ ଯେଉଁମାନେ ତୁମର ଲୀଳା କଥା, ତୁମର ପୂତ କାହାଣୀ ଦଶ ଜଣଙ୍କ ନକଟରେ ପ୍ରଚାର କରନ୍ତି ଏବଂ ଶତମୁଖରେ କୀର୍ତ୍ତନ କରି ବୁଲନ୍ତି ସେମାନଙ୍କୁ କୁହାଯିବ 'ଭୂତଦା'—ଦାତା ଶିରୋମଣି । ସେହି ଦାନ ସହିତ ଆଉ କାହାର ତୁଳନା ? ତାଙ୍କର କୃପାରୁ ହିଁ ବିନା ଆୟାସରେ ମିଳିଯାଏ ଅମୂଲ୍ୟ ନିଧି ।

ଆମ୍ଭମାନଙ୍କ ଠାକୁର ଠାକୁରଣୀଙ୍କୁ ପ୍ରଣାମ, ଏବଂ ତାହା ସଙ୍ଗେ ସଙ୍ଗେ ଭଗବୋତ୍ତମ ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀଙ୍କୁ ମଧ୍ୟ ପ୍ରଣାମ କରୁଛି ।

ଉତ୍କଳସ୍ଥିତ
ହାଓ୍ୱଡ଼ା-୪
ଶୁକ୍ଳ ଚତୁର୍ଥୀ, ମାର୍ଗଶୀର
ଶକାବ୍ଦ ୧୮୬୫, ୧୨-୮-୧୩୮୦

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତା
ନାରାୟଣୀ



ଶ୍ରୀମତ୍ ରମାନନ୍ଦ ବ୍ରହ୍ମଚାରୀ

ଠାକୁରାଣୀ

ସୁଧାଂଶୁବାଳା

ବସ୍ତୁତଃ କୃଷ୍ଣ ଯବନକା ଭେଦ କରି ସୁଧାଂଶୁବାଳାଙ୍କ ଜୀବନ ଚରିତ ଆଲୋଚନା ସମୟରେ ପ୍ରଥମେ ମନେ ପଡୁଛି 'ପ୍ରେମିକ ଗୁରୁ' ଗ୍ରନ୍ଥର ଉତ୍ସର୍ଗପତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ମର୍ମ ବାଣୀ—'ପ୍ରେମମୟୀ ! ତୁମର ପ୍ରେମ ପ୍ଲାବନର ସ୍ରୋତ ପଡ଼ିବାରୁ ନା ଏହି ନଷ୍ଟର ହୃଦୟ ସରସ ହୋଇଥିଲା । ମୁଁ ଅନ୍ଧକାର ମଧ୍ୟରେ ଦଚଦ୍ଦର ହୋଇ ଘୁରୁଥିଲା, ତୁମେ ହିଁ ନା ପ୍ରଥମେ ପ୍ରେମର ଆଲୁଅ ଜଳାଇ ହୃଦୟ ଦେଖାଇଥିଲ ? ତୁମେ ଗୁରୁ ରୂପେ ସୁପ୍ତ ପ୍ରାଣରେ ପ୍ରେମବୀଜ ଉପ୍ତ କରାଇଥିଲ ।' ସେହି ହେଲେ ଏହି ସୁଧାଂଶୁବାଳା ଯେ କ ନଳମାକାନ୍ତଙ୍କ ପ୍ରଥମ ଯୌବନରେ ପ୍ରେମମୟୀ ରୂପରେ ପ୍ରେମବୀଜ ବପନ ନ କରିଥିଲେ ଆମ୍ଭେମାନେ ଉତ୍ତର କାଳରେ ପ୍ରେମିକ ଗୁରୁ ଜଗମାନନ୍ଦ ଦେବକୁ ପାଇଥାନ୍ତେ କ ନାହିଁ ସନ୍ଦେହ । ତାଙ୍କର ମହାନ୍ ଆତ୍ମଦାନ ହିଁ ନଳମାକାନ୍ତଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱର ମୂଳ ଉତ୍ସ । ତଥାପି ପ୍ରେମର ସେହି ମୂଳ ଉତ୍ସ ସନ୍ଧାନ କରିବାକୁ ଗଲା ମାତ୍ରକେ ପ୍ରେମିକ ଗୁରୁ ଜଗମାନନ୍ଦ ଦେବଙ୍କ ଏହି ବର୍ମ୍ମୋଦେଶୀ ଗୁରୁ ସୁଧାଂଶୁବାଳାଙ୍କ ଅମିୟ ଚରିତ କଥା ସ୍ୱତଃ ପଥରେ ସ୍ୱତଃ ଉଜ୍ୱଳ ହୋଇଉଠେ । ନଳମାକାନ୍ତଙ୍କ ଜୀବନରେ ତାଙ୍କ ସ୍ତ୍ରୀ ସୁଧାଂଶୁବାଳାଙ୍କ ପ୍ରଭାବ କିଛି କମ୍ ନ ଥିଲା । କହିବାକୁ

ଗଲେ ଯମୀ ଛଡ଼ି ତାଙ୍କର ସାଧନ ମାର୍ଗରେ ସହଯୋଗ ଏବଂ ଦିଗ ନିର୍ଦ୍ଦେଶ
ସହାୟ ସହିତା ଏକମାତ୍ର ଜଗଦ୍ଗୌରୀ ଥିଲେ । ସୁଦୂର ଅଂଶାଦେଶ
ଧୌଲ୍ଲି ଦଉଲ ଯୋଗଗମ୍ଭ ଗୁରୁଙ୍କ ପାଖକୁ ପୁନର୍ଲଭର ଆଶା ନେଇ
ପୁନର୍ଜନ୍ମ ଜନ୍ୟା ଯଉନେକ ଅବଧୂତୀ ମାର୍ଗିକ ସୁଦୂର ଦକ୍ଷିଣ-
ଭାରତର ଦୁଇଜ ସାଧନ ଶ୍ରବନ ଦୂରତ୍ୱ ହୁଏ । ତାଙ୍କର ଦୁର୍ଗତା
ଯମୀ ପ୍ରଥମରେ ଓ ଦଳଗତ ଘରେ ତାଙ୍କୁ ପରମେଶ୍ୱର ସେବାର
ସେହି ଜଗତରେ ଅଧ୍ୟା ସ୍ଥାପନ କରିଥିଲେ । ଦୁଇଁଶୁଳାକାଙ୍କ
ଅଜାଣ ମୁଣ୍ଡରେ ସଙ୍ଗ-ପ୍ରେମରେ ମୁଗ୍ଧ ହୋଇ ପ୍ରେମିକ ନରନାରୀଙ୍କ
ଏକାଧିକ ଥର ତାଙ୍କର ସ୍ୱପ୍ନାମୂହିଁ ଦର୍ଶନ କରିଥିଲେ ଏବଂ
ଏହାଙ୍କ ଶ୍ରୀଗ ଜଗତରେ ପ୍ରତ୍ୟକ୍ଷ ସ୍ୱପ୍ନାମୂହିଁରେ ଆତ୍ମର୍ଭାବ ନୋଇ
ତାଙ୍କୁ ଶ୍ରୀଗାନ୍ତ ପ୍ରହଣ କରିବା ସେ ଦେଇଥିଲେ । ଏହି ଘଟଣା
ଘଟଣା ପରିସ୍ପନ୍ଦନରେ ନରନାରୀଙ୍କ ମନରେ ବିଶ୍ୱାସ ଜନ୍ମିବା
ହେଲା ଯେ, ମୃତ୍ତିଦ୍ରୁର ମନୁଷ୍ୟର ଯବୁ କଛି ଦେହ ନୋଇଥାଏ
ନାହିଁ । ତାହା ଅତିତ ଅଛି, ନଚେତ୍ ଏବକୁ ଏବ ଏହାଙ୍କ
ଦେଖା ପାଉଛନ୍ତି କାହିଁକି ? ଜନ୍ମମୃତ୍ୟୁ ତାହାର ସ୍ପର୍ଶ, ଜଗନ୍ମଦ୍
ପଡ଼ି ରହିଛି । ଏହିପରି ଚର୍ଚ୍ଚା କରି ଅନୁସନ୍ଧିତ୍ସୁ ନରନାରୀ
ପରମଜ୍ଞାନୀମାନଙ୍କ ସହିତ ଦେଖା ସାକ୍ଷାତ ଆଳାପ ଆଲୋଚନା
କରେ ଏବଂ ମିଳିତଭାବେ ସାଧାରଣରେ ଶ୍ରୀଙ୍କ ଆତ୍ମା ଅଭି ନଥ ସଂକଳ୍
ଚିତ୍ତ ନ ହୋଇ ସିଦ୍ଧ ଯୋଗୀପୁରୁଷମାନଙ୍କ ଅନୁସନ୍ଧାନ କରୁ କରୁ
ଚନ୍ଦ୍ରାଚଳବାସୀ ସ୍ୱାମୀ ପ୍ରଜ୍ଞାନନ୍ଦଙ୍କ ପାଖରୁ ପାଇଥିଲେ । ଏହି
ମହାତ୍ମାଙ୍କ ସହିତ ଆଲୋଚନା କରି ଶ୍ରୀଙ୍କୁ ପାଇବା ଜନିତ୍
ଜଗତ୍ପିତାଙ୍କ ଆରଧନା ଓ ସାଧନ ଭଜନ କରିବାକୁ ପ୍ରସ୍ତୁତ
ହେଲେ । ଦେଶରେ ସେହି ସ୍ୱେଚ୍ଛାବ୍ରତକୁ ପାଳନ କେଲି
ଜଗତ୍ପିତ ସାଧନାରେ ଦୃଢ଼ ହୋଇ ପରେ ସେ କେହି ଦୁଃଖ ଜ

ଜ୍ଞାନ, ଯୋଗ ଓ ପ୍ରେମ ସାଧନାରେ ସିଦ୍ଧିଲାଭକରି ନର୍ବିକଳ୍ପ ସମାଧିରୁ 'ଗୁରୁ' ଭାବରେ ବ୍ୟୁତ୍‌ଥିତ ହୋଇଥିଲେ, ତାହା ତାଙ୍କର ଗ୍ରେମାଞ୍ଜକର ଅଭିନବ ଜୀବନ ଚରିତ କଥା ଆଖାକରେ ଆପଣ-ମାନେ ଜାଣି ଅଛନ୍ତି । ଏହି ପ୍ରବନ୍ଧରେ ମୁଁ ସେହି ସମସ୍ତ ବିଷୟ ଆଲୋଚନା କରି ପ୍ରବନ୍ଧର କଳେବର ବୃଦ୍ଧି କରିବ ନାହିଁ । କେବଳ ମାତ୍ର ଯାହାଙ୍କ ପ୍ରେମରେ, ଗୁଣରେ ମୁଗଧ ହୋଇ ଯାହାଙ୍କ କୃପାରେ ନଳମାକାନ୍ତ କାଚ ଖୋଜିବାକୁ ଯାଇ କାଞ୍ଚନର ସନ୍ଧାନ ପାଇଥିଲେ ସେହି ପରମାସାଧ୍ୱୀ ସଙ୍ଘ-ଶିରୋମଣୀ ସୁଧାଂଶୁବାଳାଙ୍କ (ଗୁଣୀବାଳା) ଉପେକ୍ଷିତ ସଂକ୍ଷିପ୍ତ ଜୀବନୀ ବିଶେଷ ଭାବରେ ଆଲୋଚନା କରିବ ।

ବାଂଲ ସନ ୧୨୯୨ ସାଲରେ ସୁଧାଂଶୁ (ଗୁଣୀ) ବାଳା ଚବ୍ବିଶପରଗଣା ଜିଲ୍ଲା ଅନ୍ତର୍ଗତ ଡାଲ ସହର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଏହି କନ୍ୟାର ଅନ୍ନପ୍ରାଶନ ସମୟରେ ଉପସ୍ଥିତ କୁଳଗୁରୁ ସ୍ୱୟଂ ଉପସ୍ଥିତ ରହି ନାମକରଣ କରିଥିଲେ 'ସୁଧାଂଶୁବାଳା' । ତାଙ୍କ ପିତାଙ୍କ ନାମ ବୈଦ୍ୟନାଥ ମୁଖୋପାଧ୍ୟାୟ ଏବଂ ମାଙ୍କ ନାମ ମନୋମୋହିନୀ ଦେବୀ ଥିଲା । ପିତା ବୈଦ୍ୟନାଥ ମୁଖୋପାଧ୍ୟାୟ ହୁଗୁଲୀ ଜଜ୍ କୋର୍ଟରେ ପେସ୍କାର କାମ କରି କୌଣସି ଭାବରେ ସଂସାର ଯାତ୍ରା ନିର୍ବାହ କରୁଥିଲେ । ସୁଧାଂଶୁବାଳାଙ୍କ 'ସୁଶୀଳା' ନାମରେ ଜଣେ ଜ୍ୟେଷ୍ଠ ଭଉଣୀ ଥିଲେ । ସୁଧାଂଶୁବାଳା ତାଙ୍କ ଠାକୁର ମା ଅର୍ଥାତ୍ ବୈଦ୍ୟନାଥ ବାବୁଙ୍କ ମାଙ୍କର ଅତ୍ୟନ୍ତ ଆଦରର ପାତ୍ରୀ ଥିଲେ । ସେହି କାରଣରୁ ଏହି ବଡ଼ ନାତୁଣୀକୁ ନେଇ ବୃଦ୍ଧା ଡାଲ ସହରରେ ରହୁଥିଲେ ଏବଂ ବୈଦ୍ୟନାଥ ବାବୁଙ୍କ ସ୍ତ୍ରୀ ମନମୋହିନୀ ଦେବୀ ଜ୍ୟେଷ୍ଠ କନ୍ୟା ସୁଶୀଳାକୁ ନେଇ

କଲକତାସ୍ଥ ପିତୃଗୃହରେ ଅଧିକାଂଶ ସମୟ କଟାଉଥିଲେ । ସୁଧାଂଶୁବାଳାଙ୍କ ୮।୯ ବର୍ଷ ବୟସ ସମୟରେ ତାଙ୍କ ପିତୃ ବିୟୋଗ ଘଟିଥିଲା । ପିତାଙ୍କ ମୃତ୍ୟୁ ପରଠାରୁ ସଂସାରରେ ନାନା ପ୍ରକାର ଅଭାବ ଅଘଟଣ ଦେଖାଦେଇଥିଲା । ଦରିଦ୍ରତା ମଧ୍ୟ ଦେଇ ସୁଧାଂଶୁବାଳା ଶଶିକଳା ପରି ଦିନକୁ ଦିନ ବଢ଼ି ଦେବାକୁ ଲଗିଲେ । ଶୈଶବ ସମୟରୁ ଠାକୁର ଦେବତାଙ୍କ ଉପରେ ତାଙ୍କର ପ୍ରଗାଢ଼ ଭକ୍ତି ଥିଲା । କେତେ ଯେ ବ୍ରତ ପ୍ରତାଦି କୁମାରୀ ଅବସ୍ଥାରେ କରିଛନ୍ତି ତାର ସୀମା ସଂଖ୍ୟା ନାହିଁ । ଅଭାବର ସଂସାରରେ ରହି ଏହି ସମସ୍ତ ବ୍ରତ କରିବାକୁ ଯାଇ ଅର୍ଥ ବ୍ୟୟ ହେଉଥିବାରୁ କେବେ କେବେ ମଧ୍ୟ ତାଙ୍କର ଠାକୁର ମା ଉପରକୁ ଦୋଇଛନ୍ତି ସତ, କିନ୍ତୁ ସୁଧାଂଶୁବାଳା ସେ ସମସ୍ତ ଗ୍ରାହ୍ୟ କରୁ ନଥିଲେ । ଘରେ ବସି ଯେଉଁ ଅଳ୍ପକିଛି ଲେଖାପଢ଼ା ଶିଖିଥିଲେ ତାଦ୍ୱାରା ଗ୍ରନ୍ଥାବଳୀ, ମହାଭାରତ ବା ଯେ କୌଣସି ବଙ୍ଗଳା ଗ୍ରନ୍ଥ ସେ ଅନାୟାସରେ ପଢ଼ି ପାରୁଥିଲେ । ତାହା ସଙ୍ଗେ ସଙ୍ଗେ ବୃଦ୍ଧା ଠାକୁରମାଙ୍କୁ ଘର ଗୃହସ୍ଥଳୀର କାର୍ଯ୍ୟ କର୍ମାଦିରେ ସମସ୍ତ ପ୍ରକାର ସାହାଯ୍ୟ କରୁଥିଲେ । ଅବସର ସମୟରେ ତାଙ୍କ ଠାକୁର-ମା ଗନ୍ଥା ସିଲେଇ କରୁଥିଲେ, ସେତେବେଳେ ତାଙ୍କ ନିକଟରେ ବସି ଛୁଞ୍ଚିରେ ସୂତା ଗଳାଇବା ଓ ଲୁଗାଧଡ଼ରୁ ସୂତା କାଢ଼ିବାର କରିବା ପ୍ରଭୃତି କାର୍ଯ୍ୟ କରି କରି ପରବର୍ତ୍ତି ସମୟରେ ସୂଚୀ ଶିଳ୍ପରେ ମଧ୍ୟ ବେଶ୍ ପାରଦର୍ଶିତା ଲାଭ କରିଥିଲେ ।

ହାଲ ସହରସ୍ଥ ଲୋକମାନେ ସୁଧାଂଶୁବାଳାଙ୍କୁ ଆଦର କରି 'ସୁଧାରାଣୀ' ବୋଲି ଅଭିହିତ କରିଥିଲେ । ପୁଣି ତାଙ୍କ ବୃଦ୍ଧା ଠାକୁର-ମା /ସୁଧାରାଣୀର 'ସୁଧା' ପଦଟି ବାଦ ଦେଇ କେବଳ 'ରାଣୀ' ବୋଲି ଡାକୁଥିଲେ । ବର୍ତ୍ତମାନ ଠାରୁ ସୁଧାଂଶୁବାଳାଙ୍କ ଏହି ଦୁଇ ନାମ ହିଁ ସ୍ଥାନେ ସ୍ଥାନେ ବ୍ୟବହାର କରିବ ।

ଏହିରେ ଦିନକୁ ଦିନ ସୁଧାବଣୀଙ୍କ ସର୍ବତୋମୁଖୀ ପ୍ରତିଭା ବିକଶିତ ହେବାକୁ ଲଗିଲା । ବେଣୁ ଦାଲସର ଗ୍ରାମର ଚଉପ୍ତ ସମବୟସ୍କା ଝିଅମାନଙ୍କ ମଧ୍ୟରେ ସେ କେଶ୍ ଈର୍ଷାର ପାତ୍ରୀ ହୋଇ-ଉଠିଲେ । ଅନେକ ସମୟରେ ସମବୟସ୍କା ସଖୀମାନେ ତାଙ୍କୁ ଅଟ୍ଟାକର କହୁଥିଲେ—"ସୁଧାର ବର କେଜାଣି କଏ ହେବ ? ଭାଇ, ଏଥର ତୁ ଚୋର ଠାକୁର-ମାଙ୍କୁ କହି ଗୋଟିଏ ସ୍ୱପ୍ନର ସଜ୍ଜ ଡାକିବ । ତାହାହେଲେ ଦେଶ-ଦେଶାନ୍ତରରୁ କେତେ ରଜା ମହାରଜା ଧନ୍ନ ପୁଅମାନେ ଆସିବେ, ସେମାନଙ୍କ ମଧ୍ୟରୁ ଜଣକୁ ବରଣ କରିବୁ । ନ ହେଲେ ତୁ ଯେପରି, ସେହିପରି ଉପଯୁକ୍ତ ବର କେଉଁଠାରୁ ପାଇବେ ?" ଏହା ଶୁଣି ସୁଧାବଣୀ କହୁଥିଲେ—ଯାଉ, କୁଳୀନ ଝିଅଙ୍କ ଏସବୁ କଣ କାମ ? କୁଳୀନ ବ୍ରାହ୍ମଣଙ୍କ ଝିଅ, କୁଳୀନ ଘର ହେଲେ ଯଥେଷ୍ଟ । ଗ୍ରାମର ଅନ୍ୟାନ୍ୟ ବର୍ଷିୟସୀ ମହିଳାମାନେ ମଧ୍ୟ ସୁଧାବଣୀଙ୍କ ରୂପ-ଗୁଣ, ଆଚାର ବ୍ୟବହାର ଓ ସ୍ୱଭାବ-ଚରିତ୍ରରେ ମୁଗ୍ଧ ହୋଇ ତତ ମୁଖରେ ବୈଦ୍ୟନାଥ ବାବୁଙ୍କ ପ୍ରଶଂସା କରି କହୁଥିଲେ ଯେ,—ସେହିପରି ବାପ ନହେଲେ କଣ ଏପରି ଝିଅ ହେବ ଗୋ ? କେଜାଣି କେଉଁ ତପସ୍ୟା କରି ମୁଖାର୍ଜ୍ଜୀ ମହାଶୟ ଏପରି କନ୍ୟା ପାଇଥିଲେ !' ସୁଧାବଣୀକୁ ଯିଏ ଦେଖେ ସେ ତାଙ୍କୁ ପ୍ରଶଂସା ନ କରି ରହି ପାରୁ ନଥିଲେ । ଦିନେ ଦିନେ କପୁସ ବୃଦ୍ଧି ହେବାକୁ ଲଗିଲା । ତାଙ୍କୁ କପରି ବରାଦ ଦେବେ ଏହି ଚିନ୍ତାରେ ତାଙ୍କର ଠାକୁର-ମା ସଦା ସର୍ବଦା ଚିନ୍ତିତ । ଆତ୍ମୀୟ ସ୍ୱଜନ ଯେତେବେଳେ ଯାହା ସଙ୍ଗରେ ଦେଖା ହୁଏ, ବୁଢୀ ସେମାନଙ୍କୁ ସୁଣୀଙ୍କର ବରାଦ ନମିତ୍ତ ପାତ୍ର ଦେଖିବାକୁ ଅନୁରୋଧ କରୁଥିଲେ । ଭଲି ବର ମିଳେ ତ ଘର ମିଳେ ନାହିଁ, ପୁଣି ଘର ମିଳେ ତ ବର ମିଳେ ନାହିଁ, ଏପରି ଭାବରେ କେତେଦିନ କଟିଗଲା । ସୁଣୀବାଲା

ବର୍ତ୍ତମାନ ସେମାନେ ବର୍ଦ୍ଧମାନ ଷ୍ଟେସନରେ ପହଞ୍ଚିଲେଣି । ଏଠାରେ ଆମକୁ ଅନ୍ୟ ଗାଡ଼ିରେ ଦୁଇଘଣ୍ଟା ଯିବାକୁ ପଡ଼ିବ ଶୁଣି ମୁଁ ଚିନ୍ତାରେ ପଡ଼ିଲି । ଜେଜେମାଙ୍କ ସହିତ କଥା କହୁଛନ୍ତି, କିନ୍ତୁ ଆମ ଉପରେ ଦେଖାଦେଉ ଥିବା ଦୃଷ୍ଟି ତାଙ୍କର କଥାରେ ମଧ୍ୟ ଯୋଉଠି ଛୁଇଁ ଦେଉଛନ୍ତି । ଏହି ଅବସରରେ ଦୁର୍ଗାମାମା ଆମକୁ ଠାକୁର-ମାଙ୍କୁ ଅଣ୍ଡା ଖାଇବା କଥା କହିଛି ଯେବେ ମାଆଟି ଆମକୁ ଠିକ୍ ଖୋଜିଥିବ ॥ ଆମ୍ମା କୁଡ଼ିଏ ଓ ମୁଁ ଅଠର ଯେବେ ଆମର ଅବସ୍ଥାରେ ଜଣେ ଜଣେ ଦୁର୍ଗା ହୋଇଥିଲୁ ॥ ଜେଜେ ଓଜନ ଆଡ଼କୁ ଦୃଷ୍ଟି ପକାଇ କହିଲେ, ଠାକୁର ଦୟାରେ ଏହି ଟିକିଏମାନ ଅହଳ୍ୟାଟିର ଯାଦବ ଜୁଟି, ଆମ ମାନ ସମ୍ଭାଳି କୂଳ ପାଇଥିବା ସୁଖକର ॥

ପ୍ରାଣକୁମାରୀ ଜେଜେମାଙ୍କ ଏହି ଆତ୍ମୀୟତା ଭରା ଉକ୍ତିରେ କଣ ଅଛି ? ଏଯେ ଅଜିଣାମଣି ଏକ ଅଜଣାଙ୍କୁ ଏକରେ ଆପଣାର କରିନେଲେ କି ପାଇଁ କଏ ଜଣେ ! ଆମଟି ଏ ଦୁନିଆରେ ଆମର ପ୍ରାଣକୁମାର ସାହାରେ ଦୁର୍ଗାମାଆଙ୍କ ଭଳି ଜଣେ ଅଛନ୍ତି ॥ ବାପ୍ପା ଏମାନଙ୍କ ପ୍ରାଣରେ ଯୋଉ ଦର୍ଦ୍ଦ ଦେଇଥିଲେ ସେମାନେ ଏହିଠି ଦୁର୍ଗାମାଆଙ୍କ ଭିତ୍ତି ଦେଇ ଦେଇଥିଲେ ॥ ସେମାନେମାନେ ଏମାନଙ୍କ ଜୀବନ ଯାକ ଦର୍ଦ୍ଦ ହୋଇ ରହିଲେ ॥ ଦୁଇଜଣଙ୍କୁଡ଼ିକ ଜୁଇ ପ୍ରାଣକୁମାରୀର ଅଙ୍ଗକୁ ଦୁଇକୁ ଜଗାଇ ଜେଜେ ଆଡ଼ିଆରେ ଥିଲେ । ମାଆଙ୍କ ପ୍ରାଣକୁମାରୀ ଏହି ଜଗାଣ କାଣିଯାଇ ଦୁଇଆଡ଼ି ଚାହିଁଲେ ॥ ସେହି ସମୟରେ ଏହି ଜଗାଣରେ ବାପା ଓ ମାଆ ଜଣେ ଜଣେ ଦେଖି ପାଇଲେ ଏବଂ ସେମାନେ ଓ ମାଆଙ୍କ ପାଖରେ ହିଁ ରହିଗଲେ ॥ ଦୁଇ ଜେଜେଙ୍କର ଦୁଇଜଣ ଦୁଇଜାତି ଅଥଚ ଏକାତ୍ମ ଜୀବନକୁ ଜଣେ ଜଣେ ଅଜାଣତରେ ଅଙ୍ଗୀକାର ଦେଇଥିଲେ

ଲଗିଲେ, 'ତୁମର ଏହି ଗ୍ରେଟ୍ ଡେବରଙ୍କୁ ଦୁଇବର୍ଷ ବମ୍ବସରେ ଉଙ୍ଗିଦେଇ ସେହି ଚର ମିମାନ୍ତ୍ରମା ଆମ୍ଭମାନଙ୍କର ସମସ୍ତ ମାୟା ମମତା ତ୍ୟାଗକରି ସପ୍ତଲୋକକୁ ଗଲାଗଲେ । ଏହା ଆଠ ନଅ ବର୍ଷ ପୂର୍ବର କଥା । ବର୍ତ୍ତମାନ ତୁମେ ଏହି ସଂସାର ବୁଝି ନଅ, ଏଥର ମୋର ଛୁଟି । ସମସ୍ତଙ୍କୁ ନେଇ ମିଳମିଶି ହସ ହସ ମୁଖରେ ସଂସାର କର । ତୁମ ବ୍ୟବହାରରେ ସମସ୍ତେ ସୁଖୀ ହୁଅନ୍ତୁ, ତୁମ ମାଆଠାରେ ମା'ର ଅଭାବ ଘୁଞ୍ଚିଯାଉ, ସେବାରେ ତୃପ୍ତି ଲାଭ କର । ଦେବତା, ଗୋ-ବ୍ରାହ୍ମଣଙ୍କ ଠାରେ ଅଚଳା ଭକ୍ତି ରଖି ସ୍ୱାମୀ ସୌଭାଗିନୀ ହୁଅ । ଏହାହିଁ ମୋର ଆଶୀର୍ବାଦ ।"

ଚବାହର ମାସକ ପରେ ଘଇ ଓ ନୂଆବୋହୂ ଗଧାବାନ୍ତ ପୁରରୁ କୁଚବପୁରକୁ ଗଲଆସିଲେ । କୁଚବପୁରର ଲୋକମାନେ ପୂର୍ବରୁ ନୂଆବୋହୂକୁ ଦେଖିବା ପାଇଁ ଉତ୍‌ସୁକ ଥିଲେ । କାରଣ ନୂଆବୋହୂଙ୍କ ରୂପ ଗୁଣର ପ୍ରଶଂସା କେତେଦୂର ସତ୍ୟ — ତାହା ଯାଞ୍ଚ କରି ଦେଖିବା ପାଇଁ ସମସ୍ତେ ଉତ୍ସାହି । ନୂଆବୋହୂଙ୍କ ହାବଭାବ, ଚାଲଚଳନ, କଥାବାର୍ତ୍ତା ଓ ଚକ୍ଷୁ-ମୁଖାଦର ଗଢ଼ଣ ଦେଖି କେହି ମଧ୍ୟ କୌଣସି ଖୁନ୍ତ ଧରିପାରିଲେ ନାହିଁ । ପରନ୍ତୁ ଶେଷରେ ସମସ୍ତେ ନୂଆବୋହୂଙ୍କ ପ୍ରଶଂସା କରିବାକୁ ଲାଗିଲେ । ଅତଣ୍ଟାସ ଯୁଗରେ ଆଜ ବିଶ୍ୱାସ ନ ହୋଇପାରେ, କିନ୍ତୁ ଏହା ନିତାନ୍ତ ସତ କଥା, ନୂଆବୋହୂଙ୍କ ସେହି ଅନୁପମ ରୂପମାଧୁର୍ଯ୍ୟ ଓ ତା ସହିତ ଗୁଣର ତରିମାପ କରିଯାଏନା । ମନୁଷ୍ୟର ଯେ ଏଭଳି ଗଢ଼ଣ ହୁଏ, ତା ନ ଦେଖିଲେ ବିଶ୍ୱାସ କରିବା ଖୁବ୍ କଠିନ । ତାହା ଯେପରି କୌଣସି କୁଶଳୀ ଶିଳ୍ପୀର ଅତୁଳ ଶିଳ୍ପ କୁଶଳତାରେ ଗଠିତ ମାଧୁର୍ଯ୍ୟ ମଣ୍ଡିତ ଗୋଟିଏ ଜୀବନ୍ତ ପ୍ରତିମୂର୍ତ୍ତି । ପଥର କୁଦା ଭଳ

ଚକ୍ଷୁ, ମୁଖ, ନାକ, କାନ ଓ ଓଷ୍ଠଦ୍ୱୟ ଗଠିତ । ନତମ୍ବସ୍ଥିତ କଳାଭ୍ରମର କେଶପାଶ ପୃଷ୍ଠଦେଶରେ ଶୋଭାବର୍ଦ୍ଧନ କରୁଥାଏ । ପ୍ରଶସ୍ତ ଲଲାଟ ମଧ୍ୟରେ ସିନ୍ଦୁର ବନ୍ଦୁ, ଆକଣ୍ଠବ୍ୟାପ୍ତ ସନ୍ମୁଖବର୍ତ୍ତି କୁଞ୍ଚିତ କେଶଗୁଚ୍ଛ ମଧ୍ୟଦେଇ ସିଁଥିର କ କ୍ଷପଥରେ ସିନ୍ଦୁର, ଆଃ ! କ ସୁନ୍ଦର ଶୋଭା । ଉଷାର ଆଲୋକରେ ଛାଡ଼ା ଯେପରି ସେହ୍ନ ଅରୁଣୋଦୟ ଉଦ୍ଭାସିତ ଇଙ୍ଗିତା କୁରଙ୍ଗୀ ନୟନା ଚକ୍ଷୁ, ସ୍ୱଭାବସିଦ୍ଧ ରଙ୍ଗା ଓଷ୍ଠଦ୍ୱୟ, ମୁକ୍ତାପରି ସୁଶୋଭିତ ଦଶନ-ପଂକ୍ତି, ଦେହାବୟବର ଅପୂର୍ବ ଗଠନ ଭଙ୍ଗି, କ୍ଷୀଣ କଟିରେ ଶୋଭାପାଏ ରଜତ ଶୁଭ୍ର 'ଚନ୍ଦ୍ରହାର', ରକ୍ତାଭ ହସ୍ତପଦତଳ, ବସନ, ଭୂଷଣ, ଅଳଙ୍କାର ଓ ପ୍ରସାଧନ ବ୍ୟତିରେକେ ନଜର ସୌନ୍ଦର୍ଯ୍ୟରେ ହିଁ ନଜେ ବମର୍ତ୍ତିଛ । ଘର୍ଘ ଅବଗୁଣ୍ଠନରେ ନୂଆବୋହୂ ସବଦା ଆତ୍ମ ସ୍ୱରୂପ ଗୋପନ କରି ଦାକ୍ଷିଣ୍ୟ-ମୂର୍ତ୍ତିରେ ପ୍ରତିଷ୍ଠିତା । 'ଲଜ୍ଜା ରୂପେଣ ସଂସ୍ଥିତା' ।

ବାବା ସବୁବେଳେ କହୁଥିଲେ ମୋର ଏତେ ଧନର ଆଶା ଆକାଂକ୍ଷା ପୂର୍ତ୍ତି ହୋଇଛୁ । ଏ ଆଉ କେହି ନୁହେଁ ସ୍ୱୟଂ ଜଗଦମ୍ବା— (କୈଳାସର) ଉମା, ମାଁ ବହୁକାଳ ମୋ ହାତରୁ ଜବା, ବେଲପତ୍ର ଓ ସେବା ପାଇଛୁ, ଚେଣ୍ଟୁ ମାଁ ମୋର ବୋହୂ ରୂପରେ ନୂତନ ବନ୍ଧନରେ ବାନ୍ଧବାକୁ ଅସିଛନ୍ତି ! ମାଁ ! ତୋର ଇଚ୍ଛା ପୂର୍ତ୍ତି ହେଉ । ଜୟ ମାଁ ଆନନ୍ଦମୟୀ ।

ଇତ୍ତନଧ୍ୟରେ ନୂଆବୋହୂ ଘର ସଂସାରଦ୍ଧ ସମ୍ଭାଳ ନେଇ ସାରିଲେଣି । ଆମର ସଂସାରରେ ପୁଣି 'ଶ୍ରୀ' ଫେର ଆସିଲ । 'ଗୃହିଣୀ ଗୃହମୁଚ୍ୟତେ'—ସଂସାରରେ ସ୍ତ୍ରୀ ହେଲ ଲକ୍ଷ୍ମୀ । ସ୍ତ୍ରୀହୀନ ସଂସାର ଶ୍ମଶାନ ସଦୃଶ । ନୂଆବୋହୂଙ୍କ ସେବାନଯୀ ମୂର୍ତ୍ତିର ସେବାସୁଶ୍ରୂଷା ସତରେ ଛାଡ଼ା ଏକ ଆଦର୍ଶର ବଷୟ । ସଂସାର କର୍ମରେ

ଆମ୍ଭମାନଙ୍କ ସୁଖ-ସୁବିଧା ବିଧାନ ପାଇଁ ଅନଳସ ଭାବରେ ଦିସନ୍ଦ୍ର
ମୁହଁରେ ନିଜର ଆତ୍ମସୁଖ ବିସର୍ଜନ ଦେଇ ସବଦା ବ୍ୟସ୍ତ ରହୁଥିଲେ ।
ମୁଁ ଏକାକୀ ସଂସାର କାର୍ଯ୍ୟ ଚଳାଇପାରୁ ନାହିଁ, ଏଥର ଗୋଷ୍ଠୀ
ଗୃହିଣୀର ବ୍ୟବସ୍ଥା କରିଯାଉ ବୋଲି ସେ ଦିନେ ମଧ୍ୟ ବାର
କମ୍ବା ବଡ଼ ଭାଇଙ୍କ ନିକଟରେ କୌଣସି ଆପତ୍ତି ଜଣାଇ ନାହାନ୍ତି ।
ସେ ସବଦା କହୁଥାନ୍ତି—'ମୋର ସଂସାର ମୋତେ ହିଁ ଦେଖିବାକୁ
ହେବ । ଅଭିବର ସଂସାରରେ ଗୃହିଣୀ ରଖି ବଡ଼ ମଣିଷ ହେବା
ମୁଁ କୌଣସି ପ୍ରକାରରେ ମଧ୍ୟ ପସନ୍ଦ କରେ ନାହିଁ । କାର୍ଯ୍ୟକର୍ମ
ଯଦି ଗୃହିଣୀ କରିବ ତେବେ ମୁଁ କଣ କରିବ ? କର୍ମ କରିବାକୁ
ଆସିଛି, କର୍ମଦ୍ୱାରା ହିଁ ସଂସାରର ସେବା କରିପିବ । କାରଣ 'ରୂପକୁ'
ଆଦର କେହି କରେ ନାହିଁ, ସମସ୍ତେ 'କର୍ମ'ର ହିଁ ଆଦର କରନ୍ତି ।'
ଅତି ପ୍ରତ୍ୟୁଷରେ କାଉ, କୋଇଲି ନ ଡାକିବା ପୂର୍ବରୁ ଶଯ୍ୟା ତ୍ୟାଗ
କରି ଛତାପତ୍ରିଙ୍କୁ ଦେଖିଥିଲେ । ତା ପରେ ଶୁଚିଶୁଦ୍ଧ ହୋଇ ସ୍ନାନ
କଲ୍ୟାଣ ନିମିତ୍ତ ଶଙ୍ଖଧ୍ୱନି କରୁଥିଲେ । ଅତଃପର ବାବାଙ୍କ ହାତ
ମୁଖ ଧୋଇବା ନିମିତ୍ତ ସମସ୍ତ ବ୍ୟବସ୍ଥା ଠିକ୍ ରଖି ଏକାଙ୍କ ସେ
ସଂସାରର ଅନ୍ୟାନ୍ୟ କାର୍ଯ୍ୟ ଗୋଟିକ ପରେ ଗୋଟିଏ କରି
ଯାଉଥିଲେ । ସାମାନ୍ୟ ଉପାୟର ଦ୍ୱାରା ସେ ଯାହା ରନ୍ଧନ
କରୁଥିଲେ ତାହା ଭୋଜନ କରି ନିଜ ପରିବାର ଏବଂ ଅତିଥି
ସ୍ୱଜନାଦି ସମସ୍ତେ ଉତ୍ତମ ରନ୍ଧୁଣୀ ବୋଲି ପ୍ରଶଂସା କରୁଥିବେ ।
ଏହି ବ୍ରାହ୍ମଣ ଶାସନର ଭିତାଗ ପର୍ଯ୍ୟନ୍ତ ସମସ୍ତେ ତାଙ୍କର ରନ୍ଧନରେ
ମୁଗ୍ଧ । ଘୋଟିଆ ସଂସାରରେ ସେ ନିଜର ପୈତୃକ ସେବାଦ୍ୱାରା
ଆତ୍ମିୟ କୁଟୁମ୍ବ, ଦେବର, ଶ୍ୱଶୁର ଓ ଅନ୍ୟାନ୍ୟ ଗୁରୁଜନ ଙ୍କର
ମନକୁ ଜୟ କରି ନେଇଥିଲେ । ଏକାଧାରରେ ସମସ୍ତେ ତାଙ୍କ
ଅନୁଶାସନ ଭଲ ପାଉଥିଲେ । ଶୁଦ୍ଧା, ଭକ୍ତି, ବିଶ୍ୱାସ, ବିନୟ, ଲଜ୍ଜା

ଧୈର୍ଯ୍ୟ-ସ୍ଥୈର୍ଯ୍ୟ, ସନ୍ତୋଷ, ପ୍ରିୟବାଦିତା, ଦୟାଦାକ୍ଷିଣ୍ୟ ଓ ଅନ୍ତୋପରି ପତିବ୍ରତା ଗୁଣରେ ନୂଆବୋହୂ ସବୁଦା ବିଭୂଷିତା ଥିଲେ । ଭଲମନ୍ଦ କିଛି ଯଦି କେବେ ଘରେ ଛଆର ହୁଏ ମା' ଅନ୍ୟ କେଉଁଠାରୁ ଅଣା ହୋଇଥାଏ ତେବେ ଚାହା ସେ ସମସ୍ତଙ୍କୁ ବାଣ୍ଟିଦେଇ ଅବଶିଷ୍ଟ ଟିକକ ନନ୍ଦେ ଖାଇ ତୃପ୍ତି ହେଉଥିଲେ । କୌଣସି କୌଣସି ସମୟରେ ସମସ୍ତଙ୍କୁ ଖାଇବାକୁ ଦେଇ ଶେଷ କରି ଦେଉଥିଲେ । ଏଥିରେ କ ସେ ନିଜ ପାଇଁ ମଧ୍ୟ କିଛି ରଖି ନଥିଲେ । ଚାଙ୍କର ଏହି କାମ ପାଇଁ ଯଦି କେବେ ଘଇ ଅଭିଯୋଗ କରନ୍ତି, ତେବେ ସେ କହୁଥିଲେ—'ଖୁଆଇବା ଠାରୁ ଖାଇବା ଆନନ୍ଦ କଣ ବେଶୀ ?'

ଇତିମଧ୍ୟରେ ଜନେ ସମ୍ବାଦ ଆସିଲା ନୂଆବୋହୂଙ୍କ ଗର୍ଭଧାରିଣୀ ମା' ମନୋମୋହିନୀ ଦେବୀ ଆକସ୍ମାତ୍ ଦେହତ୍ୟାଗ କରିଛନ୍ତି । ମାତୃଶୋକରେ କାତର ହୋଇ ନୂଆବୋହୂ ରୋଦନ କରିବାରୁ ବାବା ତାଙ୍କୁ ସାନ୍ତ୍ୱନା ଦେଇ ଆଶ୍ୱସ୍ତ କରିଥିଲେ । ଦିନଶେଷରେ ନୂଆବୋହୂ ଚକ୍ଷୁଜଳ ପିନ୍ଧାକାନରେ ପୋଛି ପୁଣି ପୂର୍ବବତ୍ କର୍ମରତ ହୋଇଗଲେ । ଅନେକ ଜନର ଚେଷ୍ଟା ଦ୍ୱାରା ଜନାଳପୁର ଷ୍ଟେସ୍ଟନ୍ ବୋର୍ଡ଼ ଅଧିନରେ ବଡ଼ ଘଇଙ୍କ ଖଣ୍ଡେ ଗୃହକର୍ମ ଆସିଲା । ତେଣୁ ଯାଇବଳମ୍ବ ନ କରି ଘଇ ସେହି ଗୃହକର୍ମରେ ଯୋଗଦେବା ପାଇଁ ଶ୍ୱଶୁର ଘରୁ ବାହାରି ପଡ଼ିଲେ । ଘଇଙ୍କ ଗ୍ରାମାନ୍ତରକୁ ଗମନ କରିବା ହେତୁ ବାବାଙ୍କ ମନରେ ସାମୟିକ ଅଳ୍ପ ଦୁଃଖ ହୋଇଥିଲା । ଆଉ ନୂଆବୋହୂଙ୍କର ତ ହେବାର କଥା । କନ୍ୟା ନ ଗଲେ ଉପାୟ ନାହିଁ ? ପିତା ବୃଦ୍ଧ ହେଲେଣି, ଏ ଜଗତରେ ଅଘଟର ସଂସାର । ଯେତେବେଳେ ଘଇ ସମସ୍ତଙ୍କୁ ବିଦାୟ କରିଛନ୍ତି । ତେଣୁ ଏପରି

ଭୁଲଯାଇ ଅର୍ଥାତ୍ ଆତ୍ମ ସୁଖକୁ ବଳଦେଇ ଆମ ସମସ୍ତଙ୍କୁ ନଜର କରି ନେଇଥିଲେ । ଭାଇଙ୍କ ଗୁକଶ୍ୱ ଯିବା ପରଠାରୁ ନଅବୋହୂ ନିଜ ଦେହର ସମସ୍ତ ଅଳଙ୍କାରଗୁଡ଼ିକ ଉତ୍ତାର ବାକ୍‌ସରେ ରଖି ଦେଇଥିଲେ । ଆତ୍ମୀୟ ସମ୍ପର୍କୀୟ ମାଉସୀ, ପିଉସୀ, ଖୁଡ଼ମା ସମସ୍ତେ ନଅବୋହୂଙ୍କୁ ସେହ୍ନ ମିଳନବସନ, ରୁକ୍ଷଚୁଳ, ଅନାଭରଣ-ବେଶ ଦେଖି ବମର୍ଷ ହୋଇ କହୁଥିଲେ— 'ବୋହୂ ମା, ତୁମେ ଏପରି କାହିଁକି ହେଲ ? ମଥାରେ ତେଲ ଦଅ ନାହିଁ, ଚୁଳ ବାନ୍ଧନାହିଁ, ଅଙ୍ଗମଳନ ବସ୍ତ୍ର ହିଁ ପରିଧାନ କର, ଏହା ସବୁ କି ଅଲକ୍ଷଣ କଥା ? ପୂଜାପରି ମୁହଁରେ ହସ ନାହିଁ ଏବଂ ଆତ୍ମମାନଙ୍କ ଘରଆଡ଼େ ବୁଲବାକୁ ମଧ୍ୟ ଆସନାହିଁ । ତୁମର କଣ ଅସୁଖ ବସୁଖ ହୋଇଛି ମା ?

ତାହାର ଉତ୍ତରରେ ନଅବୋହୂ କହୁଥିଲେ—'ନା ମା, ସେ ସବୁ କିଛି ନାହିଁ, ତେବେ କହନ୍ତୁ ତ ଏସବୁ କାହାପାଇଁ କରିବ ? ଯାହା ନମିତ୍ତ କରିବା କଥା, ସେ ଯେତେବେଳେ ଏଠାରେ ନାହାନ୍ତି···।' ଏହାଶୁଣି ସେମାନେ କହୁଥିଲେ ଓହ ! ବର୍ତ୍ତମାନ ବୁଝିଲୁ, ନଳମା ପାଇଁ ମନ ଖରାପ କରି 'ଯୋଗିନୀ' ହୋଇଛୁ । ସେତେବେଳେ ନଅବୋହୂ ଲଜ୍ଜାବନତ ମୁଖରେ ତଳକୁ ଚାହିଁ ହସ୍ତରେଖା ଗଣୁଥିଲେ ।

ପୂର୍ବରୁ ହିଁ କୁହାଯାଇଛି ଏକାଦଶ ବର୍ଷ ବୟସରେ ନଅବୋହୂଙ୍କ ବବାହ ହୋଇଥିଲା । କନ୍ତୁ ତାଙ୍କୁ ଦେଖିଲେ ମନେହୁଏ ଯେପରି ୧୮।୧୯ ବର୍ଷ ବୟସରୁ କମ୍ ନୁହେଁ । ହୃଷ୍ଟପୃଷ୍ଟ ଲମ୍ବା, ଚଉଡ଼ା ଯେପରି, ସେହିପରି ଖୁବ୍ ବୁଦ୍ଧିମତ୍ତା ମଧ୍ୟ । ପ୍ରତ୍ୟୁତ୍ପନ୍ନମତିତ୍ୱ ତାଙ୍କ ଚରିତ୍ରର ଗୋଟିଏ ବିଶେଷ ବୈଶିଷ୍ଟ୍ୟ ଥିଲା । ଯେଉଁଠାରେ ଯେପରି କରିବାକୁ ପଡ଼ିବ ସେଠାରେ ସେପରି କରୁଥିଲେ ।

ପ୍ରବଚ୍ଚସ୍ୱୀମାନେ ବା ପ୍ରହସନ ସମ୍ପର୍କୀୟମାନେ କେହି ମଧ୍ୟ ତାଙ୍କୁ ଠକ ପାରୁ ନଥିଲେ । ସ୍ତ୍ରୀମାନଙ୍କ ମଧ୍ୟରୁ ଯେଉଁମାନେ ତାଙ୍କୁ ଠକିବାକୁ ଆସୁଥାନ୍ତି, ସେହିମାନେ ହିଁ ତାଙ୍କର ବୁଦ୍ଧିମତ୍ତାରେ ଠକି ହୋଇ ପରିଶେଷରେ ମନ୍ତବ୍ୟ କରନ୍ତି— 'ଓଃ ବାବା ସହଜରେ ଟିଅ । ତାଙ୍କୁ ସହଜ ପାରିବା ଏମିତି କାହାର ସାଧ୍ୟ ଅଛି !' ତାଙ୍କୁ ପାରିବେ କିପରି ? ସେ ଯେ—'ବୁଦ୍ଧିରୂପେଣ ସଂସ୍ଥିତା ।'

ନୂଆବୋହୂ ନୂଆ ସଂସାରକୁ ଆସି ଆଦର୍ଶ ଗୃହିଣୀ ହୋଇ ପାରିଛନ୍ତି । ଆତ୍ମ-ପର ଭେଦଭାବ ଭୁଲି ସ୍ୱଭାବଲବ୍ଧ ସୌଜନ୍ୟ ଔଦାର୍ଯ୍ୟ ଗୁଣରେ ସମସ୍ତଙ୍କୁ ନିଜ ପ୍ରେମଡୋରରେ ବାନ୍ଧି ମୁଗ୍ଧ କରୁଥିଲେ । ବ୍ରାହ୍ମଣ ପଡ଼ାର କୁମାରୀମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ନୂଆବୋହୂଙ୍କ ନିକଟକୁ ସମସ୍ତେ ମୁଣ୍ଡ କୁଣ୍ଢାଇବା ନିମନ୍ତେ ଆସୁଥିଲେ । ଯଦି କେବେ ନୂଆବୋହୂଙ୍କ ବ୍ୟତିରେକେ ଅନ୍ୟ କେହି ମୁଣ୍ଡ କୁଣ୍ଢାଇ ଦିଅନ୍ତି, ତେବେ ସେମାନଙ୍କର ମନ ମାନୁ ନଥାଏ । କେହିଁ କେହିଁ ଦିନ ସେମାନଙ୍କ ମଧ୍ୟରୁ କାହାକୁ କାହାକୁ ଆସନ ବୁଣିବା, ଚଳଣିଆ ଘୋଡଣି ଛପାର ଓ ଗନ୍ଥା ସିଲେଇ ପ୍ରଭୃତି ଶିଖାଇ ଦେଉଥିଲେ । ନୂଆବୋହୂଙ୍କ ଆସନ, ରୁମାଲ ପ୍ରଭୃତି ଛପାର କରିବା ଦେଖି ସାହିର ଅନେକ ସ୍ତ୍ରୀମାନେ ସିଲେଇ କାମ ଶିଖିବାକୁ ଲାଗିଲେ । ନୂଆବୋହୂ ମଧ୍ୟ ସେମାନଙ୍କୁ ଶ୍ରଦ୍ଧା କରି ଶିଖାଇବାକୁ ଲାଗିଲେ । ସେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିଲି । ସନ୍ଧ୍ୟା ପରେ ବାବା ଟାଂ। ଭିତରକୁ ବୁଲିବାକୁ ଗଲେ, ମୋର ପଢ଼ା ଦେଖିବାକୁ ନୂଆବୋହୂଙ୍କୁ କହି ଯାଉଥିଲେ । ସେ ରନ୍ଧନ କାମ କରିବା ସଙ୍ଗେ ସଙ୍ଗେ ମୋ ନିକଟକୁ ଆସି ମୋର ପାଠ କହି ଦେଉଥିଲେ—ଅର୍ଥ ବୁଝାଉଥିଲେ, ପାଠ ଦେଖୁଥିଲେ, ଅଙ୍କ

କର ନ ପାରିଲେ କଷି ଦେଉଥିଲେ । ଆମର ନୂଆବୋଉ ଯେ ଲେଖାପଢ଼ା ଜାଣନ୍ତୁ ଏହା ଧାରଣ ମୋର ନଥିଲା । ଘରୁଥିଲ ସ୍ତ୍ରୀମାନେ ଘରର ବୋଉ, ସେମାନେ ପୁଣି କଣ ଲେଖା ପଢ଼ା ଜାଣିବେ ! ଯଦି ଯତ୍‌ସାମାନ୍ୟ କିଛି ଜାଣିଥାନ୍ତି, ତେବେ ମୋ ପର ନଷ୍ଟପୁ ଜାଣି ନଥିବେ । ମୋର ଘରବନା ଥିଲା ଚତୁର୍ଥ କ୍ଲାସର ପାଠ କହିବା କଣ ସାମାନ୍ୟ କଥା ? କନ୍ତୁ ନୂଆବୋଉଙ୍କ ସମ୍ବନ୍ଧରେ ମୁଁ ଯାହା ଘରୁଥିଲ ବର୍ତ୍ତମାନ ଦେଖୁଛୁ ତାହା ଠିକ୍ ନୁହେଁ । ତାଙ୍କର ଅଭିଜ୍ଞତା ଓ ଜାଣିବା ଶୁଣିବା ମୋ ଠାରୁ ମଧ୍ୟ ଯଥେଷ୍ଟ ବେଶୀ । ମୋର ଧାରଣା ଭୁଲ ଦେବା ଦେଖି ମୁଁ ନୂଆବୋଉଙ୍କୁ ଜିଜ୍ଞାସା କଲି, 'ନୂଆବୋଉ ତୁମେ କେତେ କ୍ଲାସ ପଢ଼ିଛ ? କେଉଁ କ୍ଲାସ ପାଶ୍ କରିଛ ?' ନୂଆବୋଉ କହିଲେ—'ଘଇ ମୁଁ ପୁଣି କଣ ଲେଖା ପଢ଼ା ଶିଖିବ କୁଦ୍ଦ ତ ? କିଛି ପାଶ ଫାସ କରନି । ଘରେ ବସି ବାବାଙ୍କ ନକଟରୁ ପଦେ ଅଧେ ଯାହା ପଢିଛି ସେତିକ ମାନ ମୋର ବିଦ୍ୟା । ତାହା ଦ୍ୱାରା ହିଁ କୌଣସି ପ୍ରକାରରେ କାମ ଚଳଯାଉଛି ।

୧୩୦୬ ସାଲ ଚୈତ୍ର ମାସର ଶେଷ ପ୍ରାୟ, ସେତେବେଳେ ମୁଁ ଖିଷଣ ରୋଗରେ ପୀଡ଼ିତ । ଘରେ ନୂଆବୋଉ ଓ ବାବାଙ୍କ ବ୍ୟତୀତ ଆଉ କେହି ନଥିଲେ । ଅନ୍ୟାନ୍ୟ ଭାଇମାନେ ମାଉଲାଲପୁ ରାଧାକାନ୍ତପୁରରେ ଅବସ୍ଥାନ କରୁଥିଲେ । ମୋର ଶୋଚନୀୟ ଅବସ୍ଥା ଯୋଗୁଁ ବାବା ଓ ନୂଆବୋଉ ବିଶେଷ ଚିନ୍ତାମଗ୍ନ । ଦିନ ପରେ ଦିନ ଗଡ଼ି ଯାଉଛି, ଗ୍ରାମର ଭଲ ଡାକ୍ତର ଅବିନାଶ ବାବୁ ମୋର ଚିକିତ୍ସା କରୁଛନ୍ତି । କନ୍ତୁ କୌଣସି ଫଳ ହେଉନାହିଁ । ପରିଶେଷରେ ନମୋନପ୍ସା ଓ ସନ୍ନିପାତ ଆକ୍ରମଣ କରିବା ନାନା ଉପସର୍ଗ ଦେଖାଦେଲା । ସେତେବେଳେ ବାବା ଚିନ୍ତାକୁଳ ହୋଇ

ବଡ଼ ଡାକ୍ତର ଆଣିବା ନମନ୍ତେ ସେହ୍ନଦ୍ଦନ ମେଦ୍ଦରପୁର ଯିବା ପାଇଁ ସଂକଲ୍ପ କଲେ । କୁଡବପୁରରୁ ମେଦ୍ଦରପୁରୁ ପାର୍ଦ୍ଧ ଛଅ ମାଇଲ ଗସ୍ତା, ପଦବ୍ରଜରେ ହିଁ ସମସ୍ତେ ଯିବା ଆସିବା କରନ୍ତି । ବଳଦ ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନବାହନ ନାହିଁ, ପୁଣି ତାହା ମଧ୍ୟ ସମସ୍ତଙ୍କ ପକ୍ଷରେ ସମ୍ଭବପର ନୁହେଁ । ଅଗତ୍ୟା ବାବା ଗଣ୍ଡେ ଖାଲ୍ ଲଠି ଛତା ହାତରେ ଧରି, ଚଟି ଯୋଡା ପାଦରେ ଅଧ ମଇଳା ଓଡ଼ଣୀଟି ସ୍କନ୍ଦରେ ପକାଇ ଦୁଇ ପ୍ରହର ବେଳକୁ ଘରୁ ପଦବ୍ରଜରେ ବାହାର ମେଦ୍ଦରପୁର ଚାଲିଲେ । ଯିବା ସମୟରେ ସଦର ଦରଜା ପାର ହେବେ, ଠିକ୍ ଏହି ସମୟରେ ଭିତର ଦଗର କେଉଁଠାରୁ ଗୋଟିଏ ପେରା ଡାକ ଉଠିଲା । ବାବା ସେହି ସବୁକୁ ଲକ୍ଷ୍ୟ ନ ଦେଇ ନୂଆବୋହୂକୁ ଦ୍ୱାରବନ୍ଦ କରିବାକୁ ଆଦେଶ କରି ମହାମାୟାଙ୍କ ନାମ ନେଇ ରସ୍ତାକୁ ବାହାର ପଡ଼ିଲେ । ମଧ୍ୟାହ୍ନର ପ୍ରଖର ରୌଦ୍ରରେ ଚତୁର୍ଦ୍ଦିଗ ନଗ୍ନଚିତ୍ର । ବଶୁସ୍ଥଧରଣୀ, ଚତୁର୍ଦ୍ଦିଗରେ ଉତ୍ତପ୍ତବାପୁ ଧୂ ଧୂ ଜଳୁ ଥିଲାଟି, ବଶୀଶ୍ରୁ ଚରୁଲଚା, ପତଝଡ଼ା ବୃକ୍ଷ ଡାଳରେ ବସି କାଉର ସେହ୍ନ କର୍କଶ ରବ, ଚାମ୍ରବର୍ଣ୍ଣ ଆକାଶ, ରସ୍ତାରେ କୌଣସି ଜନପ୍ରାଣୀର ସାକ୍ଷାତ୍ ନାହିଁ । ଏହିପରି ସମୟରେ ଘରୁ ବାହାରିବା କାହାର ସାଧ୍ୟ ! ସମସ୍ତେ ଯେ ଯାହାର ଘରେ ଦୁରକା, ଦରଜା ବନ୍ଦ କରି ଚୁପ୍‌ଚାପ୍ ରହିଛନ୍ତି ।

ଏହିପରି ସମୟରେ ବାବା ଘରୁ ବାହାରକୁ ଯିବାଦ୍ୱାରୁ ନୂଆବୋହୂ ବଡ଼ ଚିନ୍ତିତ ହେଲେ । କନ୍ତୁ ଉପାୟ କଣ ? ତାଙ୍କ ଦରଜା ବନ୍ଦ କରି ନୂଆବୋହୂ ମୋର ରୋଗଶଯ୍ୟା ନିକଟରେ ବସିଲେ ଏବଂ ମୋର ସର୍ବାଙ୍ଗରେ ହାତ ବୁଲାଇ ଅଭୟ ଦେବାକୁ ଲାଗିଲେ । କିଛିକ୍ଷଣ ବାଦେ ଅକସ୍ମାତ୍ ଗ୍ରାମରେ ଶୁଣାଗଲା ଶୁଙ୍ଖ

ଜୋଳାଢଳ, ଢାପ୍‌ଢାପ୍ ରଡ଼ । ସେତେବେଳେ ନୂଆବୋହୂ ମୋଚେ ଚପ୍ ଦୋଇ ଶୋଇ ରହିବାକୁ କହି ଦାଣ୍ଡଘର ଭିତରୁ ଝରକା ଦେଇ ରସ୍ତାଆଡେ ଅନାଇ ଯାତ୍ରା ଦେଖିଲେ, ସେଥିରେ ତାଙ୍କର ଚକ୍ଷୁ ମୁଖରେ ଫୁଟି ଉଠିଲ କରୁଣ ବଷାଦର ଛାପ୍ପା । ଛଳଛଳ୍‌ଆଖି ଶଯ୍ୟାଶାୟୀ ମୁଁ କଛୁ ମଧ୍ୟ ବୁଝିପାରିଲ ନାହିଁ । କେବଳ ମାଆ ନରନାଶ୍ୱଙ୍କ ଆକୁଳ ଚତ୍କାର କାନକୁ ଭସି ଆସୁଛି । ନୂଆବୋହୂ ଆଉ ସ୍ଥିର ରହି ନପାର ନଜର ବସ୍ତ୍ରାଞ୍ଚଳ ଅଣ୍ଟାରେ ଭଡ଼ି ବଚ୍ଚଣା ସହ ମୋଚେ ସ୍କନ୍ଧରେ ତୋଳି ନେଲେ ଏବଂ ଆହୁର ମଧ୍ୟ ଅନେକ କଛୁ ଯାତ୍ରା ହାତର ଆଖେପାଖେ ପାଇଲେ ସେଗୁଡ଼ିକ ଟାଣିନେଇ ଘର ଗୁଡ଼ ଅଦୂରରେ 'ମେକ୍‌ଡ଼ୀ' ବୁଢ଼ୀର ବଗିଚାକୁ ଛୁଟି ଗଲାଲେ । ନୂଆବୋହୂଙ୍କ ସ୍କନ୍ଧୋପରେ ଦୋଦୁଲ୍ୟମାନ ଅବସ୍ଥାରେ ଅନାଇ ଦେଖିଲ ଆମ ଘରର ବଡ଼ ଘରଟି ଦାଉଦାଉ ଜୋଇ ନଆଁ ଜଳୁଛି । ନୂଆବୋହୂ ମୋଚେ ଉକ୍ତ ବଗିଚାର ଲଚ୍‌ଚଛ ତଳେ ଶୁଆଇ ଦେଇ ଆହୁ କଛୁ ସାମାନ ରକ୍ଷା କରିବା ପାଇଁ ଛୁଟିଗଲେ ଘରକୁ । ଚତୁଷ୍ପାର୍ଶ୍ୱ ନଆଁ ଚଭୁର୍ଦ୍ଦିଗରେ ଚଟ୍ଟୁର ପଡ଼ୁଛି । ଗ୍ରାମର ପ୍ରତ୍ୟେକ ଘର ଭସ୍ମୀଭୂତ । ସମସ୍ତେ ନଜ ପାଇଁ ହିଁ ବ୍ୟସ୍ତ, ସୁତରାଂ ପଡାରୁ ଅନ୍ୟ କାହାର ସାହାଯ୍ୟ ନ ପାଇବାରୁ ନୂଆବୋହୂ ଛୁଟିଯାଇ ଆହୁର କଛୁ ଜନଷପ୍ରସାଦ ନରପଦ ସ୍ଥାନରେ ରଖି ବଗିଚାକୁ ଛୁଟି ଆସିଲେ ଉଦ୍ଧ୍ୱଶ୍ୱାସ ଦୋଇ । ସେହିଦିନ ନୂଆବୋହୂଙ୍କ ଯେଉଁ ମୂର୍ତ୍ତି ଦେଖିଛୁ ତାହା ଆଉ ଏହି ଜୀବନରେ ଭୁଲିଯାଇବ ନାହିଁ । ଅଲୁଲାୟିତ କୁନ୍ତଳା ମୁକ୍ତକେଶ, ବସ୍ତ୍ରାଞ୍ଚଳ ଅଣ୍ଟାରେ ଭଡ଼ି ଚଭୁର୍ଭୁଜା ମୂର୍ତ୍ତିରେ ମୋଚେ କୋଳକୁ ତୋଳି ନେଇଥିଲେ । ଚକ୍ଷୁ, ମୁଖ, ଚେହେରାରେ ଅନ୍ୟ କୌଣସି ସ୍ୱାଭାବିକ ବୈଲକ୍ଷଣ ପରିଲକ୍ଷିତ ଦୋଇ ନଥିଲ । କେବଳ ମାତ୍ର ନୂଆବୋହୂକୁ ଚତୁର୍ଭୁଜା

ମୁକ୍ତକେଶୀ ରୂପରେ ଦେଖିଲା । ମୃତ୍ୟୁ ଉପରେ ଶିବ ଦୋଳ ନୃ
